ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.116 Bhubaneswar Sunday June 11 2023 | ୨୬ତମ ବର୍ଷ ସଂଖ୍ୟା–୧୧୬ ଭୁବନେଶ୍ୱର, ରବିବାର, ଜୁନ ୧୧, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଫେଲ୍ ମାରିଲା 'ବସୁଧା' ଯୋଜନା ! ଚୁଆ ପାଣି ପିଉଛନ୍ତି ଗାଁ ଲୋକେ

ଭୁବନେଶ୍ୱର,୧୦।୬(ପି.ଏନ):ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ବସୁଧା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ତାହା କାମରେ ଆସୁନାହିଁ। ତେଣୁ ଶୋଷ ମେଣ୍ଟାଇବା ପାଇଁ ଗାଁ ଲୋକେ ନଦୀର ଚୁଆ ଉପରେ ନିର୍ଭର କରୁଛନ୍ତି। ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଚୁଆ ଶୁଖି ଯାଇଛି। ଏପରି ସ୍ଥିତିରେ ପାଣି ମୁନ୍ଦାଏ ପାଇଁ ତହଳ ବିକଳ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ? ତାଳପଦା ଗାଁର ଲୋକେ।ସମାକୋଇ ନଦୀ କୂଳରେ ଛିଡା ହୋଇଛି ତାଳପଦା ଗାଁ। ଏହି ଗାଁର ଲୋକ ସଂଖ୍ୟା ୨୦୦୦ରୁ ଅଧିକ ହେବ। ସମସ୍ତେ ପ୍ରାୟତଃ ଚାଷ ଉପରେ ନିର୍ଭର କରୁଛନ୍ତି। ଗାଁଟି ନଦୀ କୂଳରେ ଥିବା ସତ୍ତ୍ୱେ ପାନୀୟ ଜଳ ସମସ୍ୟା ଦେଖାଦେଉଛି। ଏନେଇ ଗାଁ ଲୋକେ ବାରମ୍ବାର ପ୍ରଶାସନ ପାଖରେ ଗୁହାରୀ କରିଥିଲେ। ଶେଷରେ ପ୍ରଶାସନ ଗାଁ ଲୋକଙ୍କ କଥା ଶୁଣିଥିଲା।



୨୦୧୪ ମସିହାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନାରେ ପ୍ରାୟ ୩୦ ଲକ୍ଷ ଟଙ୍କାରେ ନଦୀ କୂଳରେ ଖୋଲା କୂଅ ଖନନ କରାଯାଇଥିଲା। ଆଉ ସେଥିରୁ ମୋଟର ମାଧ୍ୟମରେ ପାଣିକୁ ଓଭରହେଡ୍ ଟଙ୍କିକୁ ଉଠା ଯାଉଥିଲା। ତା'ପରେ ସେଠାରୁ ଗାଁ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା।

## ରୋହିତ ବିଦା ହେବା ପଛରେ ଷଡ଼ଯନ୍ତ୍ରର ଗନ୍ଧ... ବିଷ୍ଣୁ ହଟିବାର କାରଣ ମହାଦୁର୍ନିତି

ଭୁବନେଶ୍ୱର,୧୦।୬(ପି.ଏନ): ଉଚ୍ଚଶିକ୍ଷାମନ୍ତ୍ରୀ ରୋହିତ ପୂଜାରିଙ୍କୁ ଅଚାନକ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବାର ୨୪ ଘଣ୍ଟା ପରେ ବି ଜୋରଦାର ଆଲୋଚନା ଜାରି ରହିଛି। ରୋହିତଙ୍କ ସ୍ଥାନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚି ନାୟକଙ୍କୁ ଉଚ୍ଚ ଶିକ୍ଷା ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଛି । ଗତ ବର୍ଷ ଜୁନ ୨୦୨୨ରେ ମନ୍ତ୍ରିମଣ୍ଡଳ ଅଦଳ ବଦଳ ସମୟରେ ସମ୍ବଲପୁରର ଯୁବ ନେତା ତଥା ଦୁଇଥର ରେଢ଼ାଖୋଲ ବିଧାୟକ ରୋହିତ ପୂଜାରିଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା। ଗତ ମଇ ୧୨ ତାରିଖରେ ଦୁଇଜଣ ମନ୍ତ୍ରୀ ସମୀର ରଞ୍ଜନ ଦାସ ଓ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିଲେ ମଧ୍ୟ ଉଚ୍ଚ ଶିକ୍ଷା ବିଭାଗ ସମୀକ୍ଷା ଉପରେ କୌଣସି ପ୍ରଶ୍ନ ମୁଖ୍ୟମନ୍ତ୍ରୀଙ୍କର ନଥିଲା ହଠାତ୍ ଉଚ୍ଚ ଶିକ୍ଷା ବିଭାଗର ପ୍ରଦର୍ଶନ ସନ୍ତୋଷଜନକ ନଥିବା ଏବଂ ଭାରତ ସରକାରଙ୍କ ଶହେ ଶ୍ରେଷ୍ଠ ତାଲିକାରେ ଓଡ଼ିଶାର କୌଣସି ସରକାରୀ ସ୍ଥାନ ନପାଇବା ରୋହିତଙ୍କୁ ବିଦା କରିବାର କାରଣ କୁହାଯାଉଥିଲେ ମଧ୍ୟ ଏହା ପଛରେ ଅନେକ ଗୂଢ଼ ରହସ୍ୟ ଥିବା ଆଲୋଚନା ହେଉଅଛି।




ଏପରିକି ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଧାୟକ ନହେବା ରୋହିତଙ୍କ ବୟାନ ମଧ୍ୟ ପ୍ରକୃତ କାରଣ ନୁହେଁ ବୋଲି ଅନେକ ଦଳିୟନେତା ପ୍ରକାଶ କରିଛନ୍ତି। ପ୍ରକୃତ କାରଣ ଯାହା ଚର୍ଚ୍ଚା ହେଉଛି ଆଉ କିଛି ଦିନ ପରେ ସମ୍ନାକୁ ନିଶ୍ଚିତ ରୂପରେ ଆସିବ। କିନ୍ତୁ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କୁ ଅଚାନକ ବଦଳି କରାଯାଇ ସାଧାରଣ ପ୍ରଶାସନ ବିଭାଗର ଅଫିସର ଅନ୍ ସ୍ପେଶାଲ ଡିୟୁଟି(ଓଏସଡ଼ି) ଭାବରେ ଅବସ୍ଥାପିତର କାରଣ ସ୍ପଷ୍ଟ ହେବାରେ ଲାଗିଛି। ଅଧ୍ୟାପକ ବଦଳି ଏବଂ ଘରୋଇ ଓ ସେଲ୍ଫ ଫାଇନାନ୍ସିଂଗ ମହାବିଦ୍ୟାଳୟ ଗୁଡ଼ିକୁ ସ୍ଥାୟୀ ସ୍ୱୀକୃତି ପ୍ରଦାନ ତଥା ନୂଆ ବିଷୟ ପାଇଁ ଅନୁମତି ପ୍ରଭୃତି ପ୍ରସଙ୍ଗରେ ଅନେକ ଅର୍ଥ ଆଦାୟ ହୋଇଥିବା ଜଣାପଡ଼ିଛି। ନିର୍ବାଚନ ବର୍ଷ ନାମରେ ଘରୋଇ ମହାବିଦ୍ୟାଳୟ ମାନଙ୍କ ଠାରୁ ପ୍ରଚୁର ମାତ୍ରାରେ ଅର୍ଥ ଆଦାୟ ଓ ଅନେକ ଗୁରୁତର ଅନିୟମିତତାକୁ ନେଇ ଶ୍ରୀ ସେଠୀଙ୍କ ବ୍ୟକ୍ତିଗତ ସଚିବ ଏବଂ ଓଏସଡ଼ିଙ୍କୁ ଗତ ଦୁଇଦିନ ତଳେ ସ୍ଥାନାନ୍ତରିତ କରାଯାଇଥିଲା। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କ ଜରିଆରେ ଏହି ଆର୍ଥିକ ନେଣଦେଣ ହୋଇଥିବା ଅଭିଯୋଗର ସତ୍ୟତାକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଏହି ପ୍ରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଆଗାମୀ ଦିନମାନଙ୍କରେ ମଧ୍ୟ କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇ ଦିଆଯାଇ ନପାରେ ।

### କାଳବୈଶାଖୀ ଦେଲା ଦୁଃଖ: ବଜ୍ରପାତ ନେଇଗଲା ଦୁଇ ଜୀବନ, ୩ ଗୁରୁତର

ଭୁବନେଶ୍ୱର,୧୦।୬(ପି.ଏନ): କାଳବୈଶାଖୀ ଦେଲା ଦୁଃଖ। ବଜ୍ରପାତ ନେଇଗଲା ଦୁଇ ଜୀବନ, ଗୁରୁତର ହୋଇଛନ୍ତି ତିନିଜଣ। ସେମାନଙ୍କ ଭିତରେ ଜଣେ ନାବାଳକ ରହିଛି। ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ମନ୍ଦରଡା ଗାଁ'ରେ ଓ ପାତ୍ରପୁର ବ୍ଲକ ମାଦୁକାବାଡ଼ ଗାଁ'ରେ ଘଟିଛି ଏହି ଦୁଃଖଦ ଘଟଣା।ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ମନ୍ଦରଡା ଗାଁ'ର ହରି ଗୌଡ଼ଙ୍କ ମୃତ୍ୟୁ ହୋଇଥିବା ବେଳେ କେଦାର ଗୌଡ଼ ଗୁରୁତର ଆହତ ହୋଇଛନ୍ତି। ସେମାନେ ଛେଳି ଚରାଇବାକୁ ଯାଇଥିବା ବେଳେ କାଳବୈଶାଖୀ ମାଡି ଆସିଥିଲା। ଚାହୁଁଚାହୁଁ ବଜ୍ରପାତ ସହ ଝଡବର୍ଷା ହୋଇଥିଲା। ଦୁହେଁ ଗଛ ତଳେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ।

### ଆଇଏସ ଲିଙ୍କ: ଆଫଗାନ ଯିବାକୁ ଚେଷ୍ଟା କରିବା ବେଳେ ଗୁଜରାଟରୁ ଧରାପଡିଲେ ମହିଳାଙ୍କ ସହ ୪

ନୂଆଦିଲ୍ଲୀ,୧୦।୬(ପି.ଏନ): କୁଖ୍ୟାତ ଆତଙ୍କବାଦୀ ସଂଗଠନ ଆଇଏସ ଲିଙ୍କରେ ଥିବା ଗୋଟିଏ ଗ୍ରୁପର ପର୍ଦ୍ଦାଫାସ କରିଛି ଗୁଜରାଟ ପୁଲିସ୍‌ର ଆତଙ୍କବାଦ ନିରୋଧ ସ୍କ୍ୱାଡ ବା ଏଟିଏସ। ଏଥିସହ ପୋରବନ୍ଦରରୁ ୪ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି।ଗିରଫ ମହିଳା ଜଣଙ୍କ ଘର ସୁରତରେ ହୋଇଥିବା ବେଳେ ୩ ଯୁବକ ଶ୍ରୀନଗରର ମୂଳବାସିନ୍ଦା। ଏହି ୪ ଜଣ ପୋରବନ୍ଦରରୁ ଆଫଗାନିସ୍ତାନ ଯିବାକୁ ଉଦ୍ୟମ କରୁଥିଲେ।

## ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣା: ଆସନ୍ତାକାଲିକୁ ପୂରୁଛି ୧୦ ଦିନ, ଦଶାହ ସହ ଭଜନ କୀର୍ତ୍ତନ କରିବେ ଅଞ୍ଚଳବାସୀ

ବାଲେଶ୍ୱର,୧୦।୬(ପି.ଏନ): ସାରା ବିଶ୍ୱକୁ ଦୋହଲାଇ ଦେଇଥିବା ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାର କାରଣ କ'ଣ ? ଯାନ୍ତ୍ରିକ ତ୍ରୁଟି ନା ମନୁଷ୍ୟ କୃତ ? ଶତାବ୍ଦୀର ଭୟଙ୍କର ଟ୍ରେନ୍ ଟ୍ରାଜେଡି ପଛରେ ଯେଉଁ ଷଡଯନ୍ତ୍ର ଆଶଙ୍କା କରାଯାଉଛି, ତା ପଛରେ ଅଛନ୍ତି କି କେଉଁ କାର୍ପେଟଦାର ? ଗ୍ରୀନ୍ ସିଗ୍ନାଲ ଦେଇ ମାଲଗାଡି ଛିଡା ହୋଇଥିବା ଲୁପ୍ ଲାଇନରେ କାହିଁକି କରମଣ୍ଡଳର ଦିଶା ବଦଳା ଯାଇଥିଲା ? ଆଜିକୁ ୮ ଦିନ ବିତିଲା, ତଦନ୍ତ ଭାର ହାତକୁ ନେଇ କଡିକୁ କଡି ଯୋଡୁଛି ସିବିଆଇ। ବାହାନଗା ରେଳ ଦୁର୍ଘଟଣା ପଛର ଖୋଜା ଚାଲିଛି କାରଣ। ସିବିଆଇର ୩ଟି ଟିମ୍ କଡିକୁ କଡି ଯୋଡି ତଥ୍ୟ ପ୍ରମାଣ ଯୋଗାଡ କରୁଛି। ଆଜିକୁ ୮ଦିନ ହେଲା, ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟରଙ୍କ ସମେତ କିଛି କର୍ମଚାରୀଙ୍କୁ ସ୍କାନରରେ ରଖି ପଚାରାଉଚରା କରୁଛି ସିବିଆଇ। ଲଗବୁକ୍, ରିଲେ ପାନେଲ ସହ ସିଗ୍ନାଲିଂ ସିଷ୍ଟମର ଉପକରଣକୁ ସିବିଆଇ ସିଲ୍ କରି ରଖିଥିବାରୁ ବାହାନଗାରେ ବାତିଲ କରିଦିଆଯାଇଛି ଟ୍ରେନ ଷ୍ଟପେଜ୍। ଅପରପକ୍ଷେ କାଲି ଦୁର୍ଘଟଣାକୁ ୧୦ ଦିନ ପୂରୁଥିବାରୁ ଦିବଂଗତ ଯାତ୍ରୀ ଓ ଆହତଙ୍କ ଉଦ୍ଦେଶ୍ୟରେ ସର୍ବଧର୍ମ ପ୍ରାର୍ଥନା ସଭା ସହ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ରଖିଛନ୍ତି ଅଞ୍ଚଳବାସୀ। ବାହାନଗା ଷ୍ଟେସନର ଆସିଷ୍ଟାଣ୍ଟ ଷ୍ଟେସନ ମାଷ୍ଟର ଶଶିଭୂଷଣ ମହାନ୍ତିଙ୍କ ସମେତ ରେଲୱେର ଏକାଧିକ କର୍ମଚାରୀଙ୍କୁ ସ୍କାନରରେ ରଖିବା ସହ ସେମାନଙ୍କ ମୋବାଇଲକୁ ସିଜ୍ କରି ପଚାରାଉଚରା କରୁଛି ସିବିଆଇ। କେବଳ ଏତିକି ନୁହେଁ, ବାହାନଗା ଷ୍ଟେସନର ଲଗବୁକ୍, ରିଲେ ପାନେଲ ସହ ସିଗ୍ନାଲିଂ ସିଷ୍ଟମର ଉପକରଣକୁ ସିବିଆଇ ସିଲ୍ କରି ରଖିଛି। ସିବିଆଇର ୩ଟି ଟିମ୍ ମଧ୍ୟରୁ ଗୋଟିଏ ଟିମ୍ ବାହାନଗା ଷ୍ଟେସନର ଉତ୍ତର ଏବଂ ଦକ୍ଷିଣ କ୍ୟାବିନରେ ଖୋଳତାଡ କରୁଥିବାବେଳେ ଅନ୍ୟ ୨ଟି ଟିମ୍ ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ତଥ୍ୟ ସଂଗ୍ରହ କରୁଛନ୍ତି। କରମଣ୍ଡଳର ଲୋକୋ ପାଇଲଟ୍ ଗୁଣନିଧି ମହାନ୍ତି ଏବଂ ଆସିଷ୍ଟାଣ୍ଟ ପାଇଲଟ ହଜାରି ବେହେରା ଦୁର୍ଘଟଣାର ପ୍ରତ୍ୟକ୍ଷଦର୍ଶୀ ତଥା ପ୍ରଥମ ସାକ୍ଷୀ। ତେଣୁ ଉଭୟଙ୍କ ସଂପର୍କରେ ତଥ୍ୟ ସଂଗ୍ରହ କରିବା ସହ ସୁସ୍ଥ ହେଲା ପରେ ସିବିଆଇ ପୁଣି ପଚାରାଉଚରା କରିବ ବୋଲି ସୂଚନା ମିଳିଛି।



## ଜାତୀୟ ରାଜନୀତିକୁ ନବୀନଙ୍କ ବଡ଼ ସନ୍ଦେଶ, ଲୋକଙ୍କ ସେବା ଶାସନର ମୂଳମନ୍ତ୍ର

ଭୁବନେଶ୍ୱର,୧୦।୬(ପି.ଏନ): ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜାତୀୟ ରାଜନୀତିକୁ ବଡ଼ ସନ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୨୫ ବର୍ଷ ଧରି ଜନସେବା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କ ସେବାକୁ ଶାସନର ମୂଳମନ୍ତ୍ର କରିଛନ୍ତି ।ପଦ ପଦବୀ ନୁହେଁ, ବରଂ ଜନସେବାକୁ ମନ୍ତ୍ରୀମାନେ ଅଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ୫ମ ପାଳିର ପ୍ରଥମ କ୍ୟାବିନେଟ ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁସାରେ ମନ୍ତ୍ରୀମାନେ କାମ କରିବା ସହ ପ୍ରତିମାସରେ ବିଭାଗର କ'ଣ କାମ କରୁଛନ୍ତି ତାହାର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ଅନୁସାରେ ମନ୍ତ୍ରୀମାନେ ମାସିକିଆ ରିପୋର୍ଟ ମଧ୍ୟ ଦେଇ ଆସୁଥିଲେ ।




ପଞ୍ଚମ ପାଳିର ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ବିଭାଗର ସମୀକ୍ଷା କରି ନିଜ ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଲାଗି ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ମୁଖ୍ୟମନ୍ତ୍ରୀ । ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେଇଛନ୍ତି । ସେହିପରି ବିଭାଗୀୟ ସଚିବଙ୍କୁ ମଧ୍ୟ ବଦଳି କରାଯାଇଛି । ପଦବୀରେ ରହି ନିଜର ଦାୟିତ୍ୱ ସଠିକ ଭାବେ ତୁଲାଇ ପାରି ନଥିବାରୁ ମୁଖ୍ୟମନ୍ତ୍ରୀ ଉଭୟ ମନ୍ତ୍ରୀ ଓ ସଚିବଙ୍କୁ ବାଦ୍ ଦେଇ ବଡ଼ ସନ୍ଦେଶ ଦେଇଛନ୍ତି । ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏପରି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି । ସେହିପରି ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ଦାୟିତ୍ୱ ପାଇବା ପରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି – ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାହାକୁ ସେ ସଠିକ୍ ଭାବେ ତୁଲାଇବାକୁ ଚେଷ୍ଟା କରିବେ ।

## ଜିଲ୍ଲା ସଭାପତି ପରିବର୍ତ୍ତନ ଓ ନୂଆ କମିଟିକୁ ନେଇ ରାଜ୍ୟ କଂଗ୍ରେସରେ ଗୋଳମାଳିଆ ସ୍ଥିତି

ଭୁବନେଶ୍ୱର,୧୦।୬(ପି.ଏନ): ୧୦ ଜିଲ୍ଲାର ଜିଲ୍ଲା ସଭାପତି ପରିବର୍ତ୍ତନ ଓ ନୂଆ କମିଟିକୁ ନେଇ ରାଜ୍ୟ କଂଗ୍ରେସ ରାଜନୀତି ଗୋଳିଆ । ବିଶେଷ କରି କୋରାପୁଟ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ପଦରୁ ମୀନାକ୍ଷୀ ବାହିନୀପତି ହଟିବା ପରେ ଏହାକୁ ନେଇ ଉଷ୍ମ ହୋଇଛି ରାଜନୀତି । ଏନେଇ ସ୍ଥାନୀୟ ସାଂସଦଙ୍କୁ ଟାର୍ଗେଟ କରିଛନ୍ତି ମୀନାକ୍ଷୀ । ଏହି ପ୍ରସଙ୍ଗରେ ଦଳର ବିଧାୟକମାନେ ବି ଭିନ୍ନ ଭିନ୍ନ ମତ ରଖିଛନ୍ତି । ବରିଷ୍ଠ ବିଧାୟକ ସୁରେଶ ରାଉତରାୟ କହିଛନ୍ତି- ମୀନାକ୍ଷୀଙ୍କ ପ୍ରତି କରାଯାଇଛି ଅନ୍ୟାୟ । ଆଲୋଚନା ଜରିଆରେ ବିଧାୟକ ତାରା ପ୍ରସାଦ ବାହିନୀପତି ଏହାର ସମାଧାନ କରିବେ ।ଅନ୍ୟପଟେ ସଭାନେତ୍ରୀ ପଦରୁ ମୀନାକ୍ଷା ଯିବା ଠିକ୍ ବୋଲି ଯୁକ୍ତି କରିଛନ୍ତି ବିଧାୟକ ମହମ୍ମଦ ମୋକିମ ଓ ସନ୍ତୋଷ ସିଂ ସାଲୁଜା । ମୋକିମଙ୍କ କହିବା କଥା- ଜଣେ ନାରୀନେତ୍ରୀଙ୍କୁ ଜିଲ୍ଲାସ୍ତରରୁ ଆଣି ରାଜ୍ୟ ସଂଗଠନର ଦାୟିତ୍ୱ ଦିଆଯାଇଛି । ସେହିପରି ମୀନାକ୍ଷୀଙ୍କ ନିଯୁକ୍ତି ନେଇ ଯଦି କେ ?ଣସି ଦଳୀୟ ବିଶୃଙ୍ଖଳା ଦେଖାଯାଏ ତେବେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ତାରାଙ୍କୁ ସତର୍କ କରାଇଛନ୍ତି ସାଲୁଜା ।ବେଶ୍ କିଛିଦିନ ଧରି କୋରାପୁଟ ଜିଲ୍ଲା ସଭାପତି ପଦକୁ ନେଇ ବିଧାୟକ ତାରା ପ୍ରସାଦ ବାହୀନପତି ଓ ସାଂସଦ ସପ୍ତଗିରି ଉଲାକା ମଧ୍ୟରେ ବିବାଦ ଲାଗି ରହିଥିଲା ।

## ଏଣିକି ଘରେ ହୋଇପାରିବ ଡାଇଲିସିସ

କଟକ,୧୦।୬(ପି.ଏନ): କିଡନୀ ରୋଗୀଙ୍କ ପାଇଁ ଆଶ୍ୱସ୍ତିକର ଖବର । ଏଣିକି କେବଳ ମେଡିକାଲ ନୁହେଁ, ଘରେ ବି ହୋଇପାରିବ ଡାଇଲିସିସ । ରୋଗୀ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଘରେ ରହି ଡାଇଲିସିସ କରିପାରିବେ । ରାଜ୍ୟ ସରାକର ପ୍ରତି ରୋଗୀ ପାଇଁ ପ୍ରଥମେ ୧ ଲକ୍ଷ ଟଙ୍କା ଏବଂ ପରେ ମାସିକ ୬୦ ହଜାର ଟଙ୍କାର ଫ୍ଲୁଇଡ ପ୍ରଦାନ କରୁଛନ୍ତି ।ଏସସିବି କିଡ଼ନୀ ବିଭାଗରେ ୨ ଦିନିଆ ସିଏପିଡି କ୍ୟାଥେଟର ଇନସରସର୍ନ କର୍ମଶାଳାରେ ଏହି ସୂଚନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ କୋଲକାତାର ବିଶିଷ୍ଟ ନେଫ୍ରୋଲୋଜିଷ୍ଟ ଡାକ୍ତର ସୁଗତ ଦାସଗୁପ୍ତା ଏଥିରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଏସସିବିର ୧୨ ଜଣ ନେଫ୍ରୋଲୋଜିଷ୍ଟଙ୍କୁ ସିଏପିଡି ଡାଇଲିସିସ ପାଇଁ କ୍ୟାଥଟର ଇନଜେକ୍ଟ ପ୍ରକିୟା ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଦୁଇ ଦିନରେ ୧୦ ଜଣ ରୋଗୀଙ୍କ ଶରୀରେ କ୍ୟାଥଟର ଲଗାଯାଇଛି ।

## ଜୁନରେ ଜଳୁଛି ଓଡ଼ିଶା, ପଶ୍ଚିମ ଓଡ଼ିଶାରେ ଅସମ୍ଭାଳ ସ୍ଥିତି

ଭୁବନେଶ୍ୱର,୧୦।୬(ପି.ଏନ): ଅସହ୍ୟ ଗୁଳୁଗୁଳିକୁ ଅସମ୍ଭାଳ ତାତି । ପଶ୍ଚିମରୁ ଉପକୂଳରେ ଅସହ୍ୟ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାତିରୁ ମିଳିବନି ନିସ୍ତାର । ଉତ୍ତର ପଶ୍ଚିମ ଦିଗରୁ ଓଡ଼ିଶାକୁ ପ୍ରବେଶ କରୁଥିବା ଗରମ ଶୁଷ୍କ ପବନ ସହ ଟାଣ ଖରା ପାଇଁ ରାଜ୍ୟରେ ଜାରି ରହିବ ଏଭଳି ସ୍ଥିତି । ସେପଟେ ଆରବ ସାଗର, ପ୍ରଶାନ୍ତ ମହାସାଗର ଓ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ସିଷ୍ଟମଗୁଡିକ ସମାନ୍ତରାଳ ଭାବରେ ରହିଥିବାରୁ ବାଟବଣା ହୋଇଛି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ୧୫ ପୂର୍ବରୁ ଓଡ଼ିଶା ଛୁଇଁବା ସମ୍ଭାବନା ନାହିଁ । ୧୬ରୁ ଦକ୍ଷିଣ ଓଡ଼ିଶାରେ ପ୍ରାକ୍ ମୌସୁମୀ ବର୍ଷା ଆଣିପାରେ ଆଶ୍ୱସ୍ତି ।ଭୁବନେଶ୍ୱରରେ ୩୭.୨ ଡିଗ୍ରୀ ତାପମାତ୍ରା । ଉପର ମୁହାଁ ହିଟ୍ ଇଣ୍ଡେକ୍ସ । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ମିଳିବନି ନିସ୍ତାର । ଶାନ୍ତି କରିପାରିବନି କାଳବୈଶାଖୀ । କାଲି ୮ ଜିଲ୍ଲାକୁ ହିଟ୍ୱେଭ୍ ଆଲର୍ଟ । ସାରା ରାଜ୍ୟରେ ଏବେ ରାଜ କରୁଛି ତାତି । ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱାଭାବିକଠାରୁ ୫ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଅଧିକ ଥିବା ବେଳେ ଅଧିକାଂଶ ସହରର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହୁଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗ୍ରୀଷ୍ମ ପ୍ରବାହ ପାଇଁ ବରଗଡ, ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ସୋନପୁର, ବଲାଙ୍ଗିର, ବୌ ?ଦ୍ଧ ଓ କେନ୍ଦୁଝର ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଅନ୍ୟପଟେ ଉତ୍ତର-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ସୁଦୃଶ ଲଘୁଚାପ କ୍ଷେତ୍ର ରହିଥିବାବେଳେ ଆରବସାଗରରେ ଅତିଭୀଷଣ ବାତ୍ୟା ବିପର୍ଯ୍ୟୟ ଓ ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଗୁଚୋଲ ଏକ ସମାନ୍ତରାଳରେ ରହିଛି । ବଙ୍ଗୋପସାଗର ଲଘୁଚାପ ଯୋଗୁଁ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଓ ଗରମ ବାୟୁ କେନ୍ଦ୍ରୀୟ ଭାରତ ଓ ଓଡ଼ିଶା ହୋଇ ବଙ୍ଗୋପସାଗରକୁ ପ୍ରବେଶ କରୁଛି । ପ୍ରଭାବରେ ରାଜ୍ୟରେ ହିଟ୍ୱେଭ ଜାରି ରହିଛି । ସିଷ୍ଟମ ଗୁଡିକର ପ୍ରଭାବ ଓଡ଼ିଶାରେ ପଡୁ ନଥିବାରୁ ଏହା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ଗୋଳମାଳ କରାଉଛି । ତେଣୁ ଆସନ୍ତା ୧୫ ତାରିଖ ଅର୍ଥାତ ରଜ ମଧ୍ୟରେ ଓଡ଼ିଶାରେ ମୌସୁମୀ ସକ୍ରିୟ ହେବାର ସମ୍ଭାବନା ନାହିଁ ବୋଲି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ଶରତ ସାହୁ । ୧୬ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ପ୍ରାକ୍ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି । ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା କିଛି ସମୟ ପାଇଁ ଆଶ୍ୱସ୍ତି ଆଣୁଥିଲେ ମଧ୍ୟ ତାତି ଜାରି ରହିବ । ବିଶେଷ କରି ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଓ ଉତ୍ତର ଓଡ଼ିଶାର ଜିଲ୍ଲାଗୁଡିକରେ ଘଡଘଡି ବିଜୁଳି ସହ ବର୍ଷା ଏବଂ ଘଣ୍ଟାପ୍ରତି ୪୦ ରୁ ୫୦ କିମି ବେଗରେ ପବନ ବହିବା ନେଇ ସତର୍କତା ଜାରି କରାଯାଇଛି ।

## କେନ୍ଦୁଝର ବିକାଶର ସମୀକ୍ଷା, ସମସ୍ୟା ସମାଧାନର ପ୍ରତିଶ୍ରୁତି

କେନ୍ଦୁଝର,୧୦।୬(ପି.ଏନ): କେନ୍ଦୁଝର ଜିଲ୍ଲାରେ ବିକାଶର ମାରାଥନ ସମୀକ୍ଷା । ଶିକ୍ଷାଠାରୁ ଜଳସେଚନ, ମା'ଙ୍କଠାରୁ ବୃଦ୍ଧବୃଦ୍ଧା, ପର୍ଯ୍ୟଟନରୁ ଗମନାଗମନ, ବିଭିନ୍ନ ସମସ୍ୟାର ସମୀକ୍ଷା କରିବା ସହ ଗୁହାରି ଶୁଣିଲେ ୫ଟି ସଚିବ ଭି.କେ. ପାଣ୍ଡିଆନ । ଶୀଘ୍ର ସମସ୍ତ ସମସ୍ୟାର ସମାଧାନ ନେଇ ଦେଲେ ପ୍ରତିଶ୍ରୁତି । ଖଣି ଖାଦାନ ଭରା କେନ୍ଦୁଝରର ସ୍ୱପ୍ନ ହେଉଛି ସାକାର । ବିପ୍ଳବୀ ଧରଣୀଧରଙ୍କ ମାଟିରେ ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ ବିକାଶ ସମୀକ୍ଷା । ଗ୍ରାଉଣ୍ଡ ଜିରୋରେ ମାରାଥନ ସମୀକ୍ଷା କରିବା ସହ କହିଛନ୍ତି, 'ମହିଳା ସଶକ୍ତ ହେଲେ, ଓଡ଼ିଶାର ବିକାଶ ହେବ । ମିଶନଶକ୍ତି ଉପରେ ମୁଖ୍ୟମନ୍ତ୍ରୀଙ୍କ ପୂର୍ଣ୍ଣ ବିଶ୍ୱାସ ରହିଛି ।'ଆଜି ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ସାମଗ୍ରିକ ବିକାଶ ପାଇଁ ପ୍ରସ୍ତୁତ ବ୍ଲୁପ୍ରିଣ୍ଟ କେତେଦୂର କାର୍ଯ୍ୟକାରୀ ହୋଇଛି ତାହାର ସ୍ଥିତି ପରଖିଛନ୍ତି ୫ଟି ସଚିବ । ସକାଳେ ପ୍ରଥମେ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ସେଠାରେ ବିକାଶ ସମୀକ୍ଷା କରିଥିଲେ । ଏହାକୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି । ଚମ୍ପୁଆ ଏନଏସିରେ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ପ୍ରୋଜେକ୍ଟ ପରିଦର୍ଶନ କରିବା ପରେ ନେହରୁ ଷ୍ଟାଡିୟମ ଯାଇ ଲୋକଙ୍କ ସମସ୍ୟା ଶୁଣିଥିଲେ ।ପରେ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାୟାଲିସିସ ସେଣ୍ଟର ଓ ଅନ୍ୟାନ୍ୟ ବିକାଶ କାମର ଅନୁଧ୍ୟାନ କରିଥିଲେ । ସେଠାରୁ ଯୋଡ଼ା ଜରା ନିବାସ ପରିଦର୍ଶନ ସହ କେନ୍ଦୁଝର ଜିଲ୍ଲାବାସୀଙ୍କ ସ୍ୱପ୍ନର ପ୍ରକଳ୍ପ କାନପୁର ଡ୍ୟାମକୁ ଯାଇ କାମର ସ୍ଥିତି ସମୀକ୍ଷା କରିଥିଲେ । ଯୋଡ଼ା ଫ୍ଲାଏ ଓଭର ନିର୍ମାଣ ଅଗ୍ରଗତିର ସମୀକ୍ଷା ସହ ହିଲଟପରେ ବିକାଶ କାମର ସମୀକ୍ଷା କରିଥିଲେ ୫ଟି ସଚିବ । ସହର ଉପକଣ୍ଠରେ ଡିଏମଏଫ ପରିଚାଳିତ ଜରା ନିବାସରେ ବେଶ କିଛି ସମୟ ବିତାଇଥିଲେ ।ଯୋଡା ପରେ ସେରେଣ୍ଡାରେ ଥିବା ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଆଦିବାସୀ ବିକାଶ ସମିତି ଆଶ୍ରମରେ ପହଞ୍ଚିଥିଲେ ପାଣ୍ଡିଆନ । ଆଶ୍ରମର ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି କହିଥିଲେ ୫ଟି ସଚିବ । କହିଲେ- ଆଶ୍ରମରେ ପଢୁଥିବା ସମସ୍ତ ଅନାଥ ପିଲାଙ୍କ ଦାୟିତ୍ୱ ନେଇଛନ୍ତି ମୁଖ୍ୟମନ୍ତ୍ରୀ । ଆଦିବାସୀ ଓ ଅନାଥ ପିଲାଙ୍କ ମୁଣ୍ଡ ଉପରେ ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦର ହାତ ରହିଛି । ଏନେଇ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି ପଦ୍ମଶ୍ରୀ ତୁଳସୀ ମୁଣ୍ଡା ।ସେହିପରି ମିଶନଶକ୍ତି ମାଆଙ୍କୁ ଭେଟିଥିଲେ ୫ଟି ସଚିବ ଭି.କେ. ପାଣ୍ଡିଆନ । କେନ୍ଦୁଝର ଓଏସଏମଇ କ୍ୟାମ୍ପସରେ ମିଶନଶକ୍ତି ମାଆଙ୍କ ସହିତ ଆଲୋଚନା କରିବା ସହ କହିଥିଲେ, ମହିଳାଙ୍କ ବିକାଶରେ ଓଡ଼ିଶାର ବିକାଶ । ମା'ଙ୍କ ଉନ୍ନତିକୁ ଗୁରୁତ୍ୱ ଦେଉଛନ୍ତି ମୁଖ୍ୟମନ୍ତ୍ରୀ । ଏହାସହ ମିଶନଶକ୍ତିର ମାଆଙ୍କ ବିକାଶ ପାଇଁ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଥିବା କହିଥିଲେ ।ଧରଣୀଧର ବିଶ୍ୱବିଦ୍ୟାଳୟ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକଙ୍କ ସମସ୍ୟା ଶୁଣିଥିଲେ ୫ଟି ସଚିବ । କେନ୍ଦୁଝର ଅଡିଟୋରିୟମରେ ଜିଲ୍ଲାର ଛାତ୍ରଛାତ୍ରୀଙ୍କ ସହିତ ମତ ବିନିମୟ କରିଥିଲେ । ବିଳମ୍ବରେ ପହଞ୍ଚି ଥିବାରୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କ୍ଷମା ମାଗିବା ସହ ପିଲାମାନେ ସ୍ମାର୍ଟ ଦିଶୁଥିବା କହିଥିଲେ । ପିଲାଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ସମସ୍ୟାର ସମାଧାନ ଶୀଘ୍ର କରାଯିବ ବୋଲି ଦେଇଥିଲେ ପ୍ରତିଶ୍ରୁତି । ପରେ ହ୍ୟାଣ୍ଡବଲ ଷ୍ଟାଡିୟମର ବିକାଶ ଅନୁଧ୍ୟାନ କରିଥିଲେ । ସେଠାରେ କୁନି କୁନି ପିଲାମାନେ ୫ଟି ସଚିବଙ୍କୁ ପାଖରେ ପାଇ ବେଶ ଖୁସି ପ୍ରକାଶ କରିଥିଲେ । ପରେ ଶ୍ରୀ ବଳଦେବଜୀଉ ମନ୍ଦିରକୁ ଯାଇଥିଲେ ୫ଟି ସଚିବ । ଦେବସ୍ନାନ ପରେ ଶ୍ରୀଜିଉ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ଗୁପ୍ତ ସେବା ଚାଲିଥିବାରୁ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିବା ସହ ବଡ଼ଦାଣ୍ଡ ପରିଦର୍ଶନ କରିଥିଲେ । ଏହି ଅବସରରେ ମନ୍ଦିର, ମସଜିଦ, ଚର୍ଚ୍ଚର ବିକାଶ କରାଯିବା ନେଇ ଦେଇଥିଲେ ପ୍ରତିଶ୍ରୁତି ।ପରେ ହଠାତ ହାଡ଼ବନ୍ଧ ପୋଖରୀ ପାଖରେ ପହଞ୍ଚି ଥିଲେ ୫ଟି ସଚିବ ଭି.କେ. ପାଣ୍ଡିଆନ । ହଠାତ ୫ଟି ସଚିବଙ୍କୁ ଦେଖି ଲୋକେ ଉତ୍ସାହିତ ହୋଇଥିଲେ । ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ଏହି ପୋଖରୀର ପୁନଃରୁର୍ଦ୍ଧାର ସହ ସେ ?ନ୍ଦର୍ଯ୍ୟକରଣ କରିଛନ୍ତି ରାଜ୍ୟ ସରକାର । ୫ଟି ସଚିବଙ୍କ ସହ କୁନି କୁନି ପିଲାମାନେ ସେଲଫି ଉଠାଉ ଥିବା ଦେଖିବାକୁ ମିଳିଥିଲା । ରବିବାର ମଧ୍ୟ ଦିନ ତମାମ ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କାର୍ଯ୍ୟକ୍ରମ ରହିଛି ।










# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ି ଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ରାଜ୍ୟସଭା ଲଡୁ : କାହା ମୁଣ୍ଡରେ ସୁନା କଳସ ?



ସାଧାରଣରେ ଓ ଗଣମାଧ୍ୟମରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦେଶଦ୍ରୋହ ମାମଲାକୁ ନେଇ ସମଗ୍ର ଭାରତବର୍ଷରେ ପ୍ରଚାର, ଜୁଆର ଉଠିଥିବାବେଳେ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନକୁ ନେଇ ମଧ୍ୟ ଗଣମାଧ୍ୟମ, ସାଧାରଣରେ ଓ ବିଜେଡ଼ି ଭିତରେ ଏକ ପ୍ରକାର ଚର୍ଚ୍ଚାର ଜୁଆର ଜୋରଦାର ଉଠିଲାଣି। ବିଜେଡ଼ିର ତିନୋଟି ସିଟ ଖାଲି ପଡୁଥିବା ବେଳେ ଏ ତିନୋଟି ବିଜେଡ଼ିର ବିଧାନ ସଭା ସଂଖ୍ୟାଗରିଷ୍ଠତାକୁ ଦେଖିଲେ ବାଜି ମାରିବା ସୁନିଶ୍ଚିତ। ତେବେ ଚର୍ଚ୍ଚା ଏହା ବି ଉଠୁଛି ଗତ ଥର ପରି ବିଜେପି ଗୋଟିଏ ସିଟ ହାତେଇବ ନାହିଁ ତ? ସୂଚନାଥାଉ କି ଜୁନ ୧୦ରେ ଦେଶରେ ୧୫ଟି ରାଜ୍ୟର ୫୭ଟି ରାଜ୍ୟସଭା ଆସନ ପାଇଁ ଭୋଟ ହେବ। ସେଥିଭିତରୁ ଓଡ଼ିଶାର ତିନୋଟି ସିଟ ରହିଛି। ଜୁଲାଇ ୧ରେ ଓଡ଼ିଶାର ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ପ୍ରସନ୍ନ ଆଚାର୍ଯ୍ୟ, ଏନ୍. ଭାସ୍କର ରାଓଙ୍କ ଦାୟିତ୍ୱ ସରୁଛି। ବିଜେଡ଼ି ତାର ପ୍ରଥମ ପସନ୍ଦ ଭୋଟରେ ତିନିଜଣଙ୍କୁ ରାଜ୍ୟସଭାକୁ ପଠାଇବ। ବିରୋଧୀ ଦଳ ଯଦି ତାଙ୍କର ପ୍ରାର୍ଥୀ ନ ଦିଅନ୍ତି ତେବେ ଜୁନ ୧୦ରେ ନିର୍ବାଚନ ଲୋଡ଼ା ପଡ଼ିବ ନାହିଁ। ତେବେ ବିଜେଡ଼ି ସୁପ୍ରିମୋ କାହା ମୁଣ୍ଡରେ ସୁନା କଳସ ଢ଼ାଳିବେ ଏହାକୁ ନେଇ ରାଜନୀତି, ଗଣମାଧ୍ୟମରେ ଗୁଡ଼ି ଅନେକ ଉଡୁଛି। କୁହାଯାଉଛି ବିଜେଡ଼ିର ପାଖାପାଖି ୩୦ଜଣ ଏହି ରାଜ୍ୟସଭା ମୁହାଁ ପାଇଁ ଚାତକ ପରି ବସିଛନ୍ତି। ତିନୋଟି ରାଜ୍ୟସଭା ସିଟ ପାଇଁ ଚର୍ଚ୍ଚା ଭିତରେ ଅନେକ ତ ରହିଛନ୍ତି। ୨୦୧୯ରୁ ସୁପ୍ରିମୋ ନବୀନ ବାବୁ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ରାଜ୍ୟସଭା ପଠାଇବା ପାଇଁ କଥା ଦେଇଛନ୍ତି। ସେହିପରି କଂଗ୍ରେସରୁ ଡିଆଁ ମାରିଥିବା ଯୁବନେତା ପ୍ରଦୀପ ମାଝୀ, ଭୁବନେଶ୍ୱର ସିଟରୁ ହାରିଥିବା ଅରୂପ ପଟ୍ଟନାୟକ, ନଳୀନିକାନ୍ତ ପ୍ରଧାନ, ଗଣମାଧ୍ୟମ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ, ପୂର୍ବତନ ବାଚସ୍ପତି ଶରତ କରଙ୍କ ପୁଅ ଶୋଭନ କର ଏବଂ ସେହିପରି ଅଣରାଜନୈତିକ ପୃଷ୍ଠଭୂମିରୁ ଗାନ୍ଧିବାଦୀ ନେତ୍ରୀ ତଥା ନବକୃଷ୍ଣ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି, ବିଶିଷ୍ଟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ଅନନ୍ତ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ ଦକ୍ଷିଣ ଓଡ଼ିଶାର ଭେଟେରାନ ନେତା ଭାସ୍କର ରାଓଙ୍କ ସ୍ଥାନରେ କଂଗ୍ରେସର ଡିଆଁ ନେତା ପ୍ରଦୀପ ମାଝୀଙ୍କ ନାମ ଚର୍ଚ୍ଚାରେ ରହୁଛି। ତେବେ ଦକ୍ଷିଣ କ୍ଷେତ୍ରରୁ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟଙ୍କ ସହ ଜୟପୁରର ପ୍ରାକ୍ତନ ବିଧାୟକ ରବିନାରାୟଣ ନନ୍ଦ ବି ଆଶାୟୀ। ଯୁବ ଚେହେରା ଭାବେ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ଭାବେ ମାନସ ମଙ୍ଗରାଜଙ୍କ ନାମ ବିଶେଷ ଚର୍ଚ୍ଚାରେ ରହିଛି। ସରକାରଙ୍କ ଗଣମାଧ୍ୟମ ବ୍ୟାପାରକୁ ବେଶ ସଠିକ ଭାବେ ଓ ସଠିକ କ୍ଷେତ୍ର ଓ ଢ଼ଙ୍ଗରେ ସେ ନିର୍ବାହ କରୁଛନ୍ତି। ସବୁବେଳେ ଚମକାଇ ଦେଇ ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ୨ ଅପ୍ରେଲ ୨୦୨୬ ପର୍ଯ୍ୟନ୍ତ ରହିଛି। ସୁବାଷଙ୍କ ସ୍ଥାନରେ ନିର୍ବାଚନ କମିଶନ ଘୋଷଣା କରିବା ପରେ ଯିଏ ଯିବେ ସେ ଚାରିବର୍ଷ ପାଇଁ ରାଜ୍ୟସଭା ସଭ୍ୟ ଭାବେ ଦାୟିତ୍ୱ ନିର୍ବାହ କରିବେ। ତେବେ ଗୋପରେ ବଢୁଛି କଳା କହ୍ନେଇ ପରି ରାଜ୍ୟସଭାକୁ କିଏ ଯିବେ ତାହା ଦଳର ସୁପ୍ରିମୋ ନବୀନବାବୁଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ଏହା ମଧ୍ୟ ପ୍ରଶ୍ନ ଉଠୁଛି ଓ ରାଜନୀତିର ଗୁଡ଼ି ଉଡୁଛି ମଧ୍ୟ ଗତଥର ପରି ଅଶ୍ୱିନୀ ବୈଷ୍ଣବଙ୍କ ପରି ବିଜେପି ମାଙ୍କଡ ଠାରୁ ମୁଆଁ ଛଡ଼ାଇବା ପରି ଗୋଟିଏ ସିଟ ମାଗିନେଇ ଯିବନି



ଅସିତ ତ୍ରିପାଠୀଙ୍କ ନାମ ଚର୍ଚ୍ଚାରେ ଉଠୁଛି।

ରାଜ୍ୟସଭାର ଉପରୋକ୍ତ ତିନିଜଣଙ୍କ କାର୍ଯ୍ୟକାଳ ସରିବା ପରେ କଟର ମେୟର ଭାବେ ଜିତିଥିବା ସୁବାଷ ସିଂହ ମଧ୍ୟ ଇସ୍ତଫା ଦେଇଥିବାରୁ ତାଙ୍କ ପଦବୀଟି ଖାଲି ପଡ଼ିଛି କିନ୍ତୁ ନିର୍ବାଚନ କମିଶନ ତାରିଖ ଘୋଷଣା କରିନାହାଁନ୍ତି। ରାଜ୍ୟସଭାରେ ବିଜେଡ଼ିର ରାଷ୍ଟ୍ରୀୟ ମୁଖପାତ୍ର ଭାବେ ସସ୍ମିତ ପାତ୍ର ପ୍ରଭାବୀ ଢ଼ଙ୍ଗରେ ଦଳର ଆଭିମୁଖ୍ୟକୁ ଜାତୀୟ ସ୍ତରରେ ସଠିକ ଭାବେ ଉପସ୍ଥାପନ କରି ନିଜ ଦକ୍ଷତା ଦେଖାଇଛନ୍ତି। ସେହିପରି ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା ଏବଂ ପଶ୍ଚିମ ଓଡ଼ିଶାରେ ବିଜେପିର ବିଶେଷ ଦବଦବା ରହିଛି। ତେବେ ପ୍ରସନ୍ନଙ୍କୁ ଏହି ଜାଗାରୁ ହଟାଇଲେ ତାଲିକା ଭିତରେ ଇଂ. ନଳୀନିକାନ୍ତ ପ୍ରଧାନ ଓ ଅସୀତ ତ୍ରିପାଠୀଙ୍କ ନାମ ଉଠୁଛି। ରାଜନୀତିର ମୋଡ଼ ବଦଳାଇ ଦେଉଥିବା କ୍ଷେତ୍ରରେ ବିଜେଡ଼ି ସୁପ୍ରିମୋ ନବୀନବାବୁ ବେଶ ମାହିର। ତେବେ ନବୀନବାବୁ ମହିଳା କାର୍ଡ଼ ଯଦି ଖେଳନ୍ତି ତେବେ ସେ ଆଗରେ ମୋ ସ୍କୁଲର ଅଧ୍ୟକ୍ଷା ସୁଷ୍ମିତା ବାଗ୍‌ଚୀଙ୍କ ନାଁ ଉଠୁଛି। କେନ୍ଦ୍ରୀୟ ବିଜେପିର ବର୍ତ୍ତମାନ ଓଡ଼ିଶା ପ୍ରତି ନରମ ଆଭିମୁଖ୍ୟ ରହିଛି କିନ୍ତୁ ରାଷ୍ଟ୍ରପତି ନିର୍ବାଚନ ପରେ ବିଜେପି ଓଡ଼ିଶା ଉପରେ ଫୋକସ କରିବାର ବଡ଼ ସମ୍ଭାବନା ରହିଛି। କୁହାଯାଉଛି ବିଜେପି ବିଜେଡ଼ି ବିରୁଦ୍ଧରେ ତାର ମୋର୍ଚ୍ଚା ଖୋଲି କଡ଼ା ଆଭିମୁଖ୍ୟ ଦେଖାଇପାରେ। କାରଣ କେନ୍ଦ୍ରର ନରେନ୍ଦ୍ର ମୋଦି ମଧ୍ୟ ରାଜନୀତି କ୍ଷେତ୍ରରେ ଚମକାଇ ଦେଉଥିବା ପରି ରାଜନୀତିର କାର୍ଡ଼ ଖେଳିଥାନ୍ତି। ଏହାଭିତରେ ସୁବାଷ ସିଂହ କଟକ ମେୟର ଭାବେ ଜିତିବା ପରେ ରାଜ୍ୟସଭାରୁ ଇସ୍ତଫା ତ!! କାରଣ କେନ୍ଦ୍ରର ରାଜନୀତି କ୍ଷେତ୍ରରେ ଅତ୍ୟନ୍ତ ପାରଙ୍ଗମ ଓ ଶକ୍ତିଶାଳୀ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହା ନବୀନବାବୁଙ୍କୁ ପ୍ରଭାବିତ କରି ଗୋଟିଏ ସିଟ ନେଇଯିବା କିଛି ବିରାଟ ବଡ଼ ଖବର ହେବନାହିଁ। ତେବେ ମୁଆଁ କାହାଙ୍କ ଭାଗ୍ୟରେ ଅଛି କୋଟି କୋଟି ଓଡ଼ିଆଙ୍କ ପରି ଏହି ଲେଖକ ମଧ୍ୟ ସେହି ସମୟକୁ ଅପେକ୍ଷା କରିଛି ? ମୁଆଁ ବିଜୟୀ ଯିଏ ବି ହୁଅନ୍ତୁ ତାଙ୍କୁ ଆମେ ଯଥେଷ୍ଟ ପୂର୍ବରୁ ଅଭିନନ୍ଦନ ଜଣାଉଛୁ।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨, E-mail : badal009bhuyan@gmail.com

# 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ...'



ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା। ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ। ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ। ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି। ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି। ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି। ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'। ଅଧର୍ମର ବିନାଶ ପାଇଁ ଅନେକ ସମୟରେ ସମ୍ପୂର୍ଣ୍ଣ ପରୋପକାର ତଥା ଜଗତକଲ୍ୟାଣର ଭାବନା ନେଇ ଅବିରତ ପ୍ରୟାସ କରିବାକୁ ପଡ଼ିଥାଏ । ଫଳରେ ଜଗତରେ ଧର୍ମ ପ୍ରତିଷ୍ଠା ସମ୍ଭବ ହୋଇଥାଏ । ଭଗବାନ ବିଷ୍ଣୁଙ୍କ ପ୍ରତ୍ୟେକ ଅବତାର ସଂସାରର ଏହି ସୂତ୍ରକୁ ପ୍ରତିପାଦିତ କରିଥାଏ । ଏ ସଂସାରରୁ ଦୁଷ୍ଟଙ୍କ ବିନାଶ ପାଇଁ ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ଧରାବତରଣ କରିଥିଲେ । ସେହି ଶୁଭ ବେଳ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ । ଅର୍ଥାତ୍ ନୃସିଂହ ସ୍ୱରୂପ ନେଇ ଅଧା ନର ଅଧା ସିଂହ ସ୍ୱରୂପ ନେଇ ଜନ୍ମ ନେଇଥବା ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର ଥିଲା ଅତ୍ୟନ୍ତ ଉଗ୍ର । ହେଲେ ଏହି ଉଗ୍ରତା ମଧ୍ୟରେ ଲୁଚି ରହିଥିଲା ଅଧର୍ମୀର ବିନାଶ କରିବାର ସୂତ୍ର। ଏହି ରୂପରେ ସେ ରାକ୍ଷସରାଜ ହିରଣ୍ୟକଶପର ସଂହାର କରିଥିଲେ । ହିରଣ୍ୟକଶ୍ୟପ ବ୍ରହ୍ମଦେବଙ୍କ ଠାରୁ ବରଦାନ ପ୍ରାପ୍ତ କରିବା ପରେ ତ୍ରୀଭୂବନରେ ଉତ୍ପାତ ଖେଳାଇ ଦେଇଥିଲା । ଭଗବାନ ବିଷ୍ଣୁ ନୃସିଂହ ଅବତାର ନେଇ ହିରଣ୍ୟକଶ୍ୟପର ବଧ କରିଥିଲେ । ହିରଣ୍ୟକଶ୍ୟପର ଅନ୍ତ କରିବା ସମୟରେ ନା ସେ ଘରେ ଥିଲେ, ନା ଘର ବାହାରେ, ନା ଭୂମିରେ ଥିଲା, ନା ଆକାଶରେ, ନା ସେ ଅସ୍ତ୍ର ଦ୍ୱାରା ମରିଥିଲା ନା ଶସ୍ତ୍ର ଦ୍ୱାରା, ନା ଦିନରେ ମରିଥିଲା ନା ରାତିରେ । ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପର ବଧ କରିବା ଲାଗି ଏକ ବିଶେଷ ସମୟ ବାଛିଥିଲେ। ଏହି ମୁହୂର୍ତ୍ତ ବାର ମାସ ଠାରୁ ଅଲଗା ଥିଲା । ସେହି ମାସ ଥିଲା ଭଗବାନଙ୍କ ପ୍ରିୟ ପୁରୁଷୋତ୍ତମ ମାସ (ଅଧିବର୍ଷରେ ପଡୁଥିବା ମାସ) । ଭଗବାନ ବିଷ୍ଣୁ ନିଜ ନଖରେ ଫାଡ଼ି ଦେଇଥିଲେ ହିରଣ୍ୟକଶ୍ୟପର ଛାତିକୁ । ଅନ୍ୟପକ୍ଷରେ ଭଗବାନଙ୍କ ବିଷ୍ଣୁଙ୍କ ନୃସିଂହ ଅବତାର ନେବା ପଛରେ ହିରଣ୍ୟକଶ୍ୟପର ପୁତ୍ର ପ୍ରହ୍ଲାଦର ପ୍ରମୁଖ ଭୂମିକା ରହିଥିଲା । ପ୍ରହ୍ଲାଦର ବିଷ୍ଣୁ ଭକ୍ତି ଦେଖି ହିରଣ୍ୟକଶ୍ୟପ ତାକୁ ହତ୍ୟା କରିବାକୁ ଶତ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲା । ନୃସିଂହ ଅବତାର ସାରା ଜଗତକୁ ଏକ ବିଶେଷ ସନ୍ଦେଶ ଦେଇଥାଏ । ଅଧର୍ମର ବିନାଶ ପାଇଁ ଅବିରତ ଚେଷ୍ଟା କରିବା ଆବଶ୍ୟକ । ବିଫଳତା ମିଳିଲେ ମଧ୍ୟ ଧର୍ମର ପ୍ରତିଷ୍ଠା ଦିଗରେ ସର୍ବଦା ଚେଷ୍ଟା କରିବା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ହେବା ଉଚିତ । ଧର୍ମ ଏବଂ ସଦାଚାରର ପ୍ରତୀକ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତିରେ ସାରା ସଂସାର ପ୍ରତି ଏକ ବାର୍ତ୍ତା ରହିଥିଲା । ତାହା ଥିଲା, ଭକ୍ତିକୁ କର୍ମ ଭଳି ନୁହେଁ ବରଂ କର୍ମକୁ ଭକ୍ତି ରୂପରେ ଗ୍ରହଣ କରି ସେଥିରେ ଲୀନ ହେଲେ ଦେବୀ ରୂପୀ ସଫଳତା ମିଳିବା ଜରୁରୀ ।

ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡପୁତ୍ର ଅର୍ଜ୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍। ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମଃ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼। ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି। ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ। ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ। ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ। ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି। ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି। ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି। ଦୁଷ୍ଟମାନଙ୍କର ସଂହାର କରିଥାନ୍ତି।



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**, ସହପ୍ରତିରତ୍ବିକ ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଇକ ଦେଖିଲେ କାର୍ଯ୍ୟାନୁଷ୍ଠାନ



ଆଜିକାଲି ବିଶେଷକରି ଯୁବ ବର୍ଗ ଓ ନିଶାସକ୍ତ ବାଇକ ଚାଳକମାନେ ଯେଉଁପରି ଭୟାନକ ଉଚ୍ଚ କର୍କଶ ସ୍ୱରର ଶବ୍ଦ ରହିଥିବା ଗାଡ଼ି ଚଳାଇ ଯାଉଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। କାରଣ ଏହାଦ୍ୱାରା ଅନ୍ୟମାନେ ହଠାତ୍ ଭୟଭୀତ ହୋଇ ହଡବଡ଼ ହୋଇଯାଉଛନ୍ତି ଓ ଯାହାକି ବଡ଼ ଦୁର୍ଘଟଣାର କାରଣ ପାଲଟୁଛି। ସାବଧାନ ! ଏଣିକି ବାଇକରୁ ଉଚ୍ଚ ଶବ୍ଦ ବାହାରୁଥିଲେ ହେବ କାର୍ଯ୍ୟାନୁଷ୍ଠାନ। ଖୋଜି ଖୋଜି ଧରିବ ପୋଲିସ। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଅନେକ ଯୁବକ ବାଇକକୁ ମଡ଼େଲିଂ କରିବା ସହ ସେଥିରେ ବିକଟାଳ ବା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ପାଇପ ଲଗାଉଛନ୍ତି। କେଉଁ ସାଇଲେନ୍ସର ପାଇପରୁ ବାଣ ଫୁଟିବାର ଶବ୍ଦ ବାହାରୁଛି ତ ପୁଣି ଆଉ କେଉଁଥିରୁ ଛାତି ଥରାଇ ଦେବା ଭଳି ଢ଼ୋ ଢ଼ୋ ଠୋ ଠା ଶବ୍ଦ ବାହାରୁଛି। ରାସ୍ତାରେ ଏଭଳି ଶବ୍ଦ ମାଧ୍ୟମରେ ଅନ୍ୟ ଯାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଯୁବପିଢ଼ି ଖୁସି ହେଉଥିଲେ ମଧ୍ୟ ଏହା ଅନ୍ୟ ଯାତ୍ରୀଙ୍କ ପାଇଁ ବିପଦ ଆଣୁଛି। ଦୁର୍ଘଟଣା ଘଟାଇବା ସହ ହୃଦ୍‌ରୋଗୀଙ୍କ ପାଇଁ ଘାତକ ସାଜୁଛି। ଏହାଦ୍ୱାରା ପରିବେଶ ଓ ଧ୍ୱନି ପ୍ରଦୂଷିତ ହେଉଛି। ଏହା ବେଆଇନ ହୋଇଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ଥିବାରୁ କେହି ମାନୁନାହାନ୍ତି। ତେବେ ବିଳମ୍ବରେ ହେଲେ ମଧ୍ୟ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। କମିଶନରେଟ ପୋଲିସ ପକ୍ଷରୁ ଏକ ମୋବାଇଲ ଫୋନ ନଂ ୮୦୯୩୦୨୮୧୦୭ ଜାରି କରାଯାଇଛି। ଯଦି ଏପରି ଉଚ୍ଚଶବ୍ଦ କରୁଥିବା କୌଣସି ବାଇକ ନଜରକୁ ଆସେ ତାହେଲେ ତାହାର ଫଟୋ ଉଠାଇ ଏହି ନମ୍ବରରେ ହ୍ୱାଟ୍‌ସଆପ ମାଧ୍ୟମରେ ପୋଷ୍ଟ କରିବାକୁ ପରାମର୍ଶ ଦିଆଯାଇଛି ।ରାସ୍ତାରେ ନିଜର ଉପସ୍ଥିତି ଜାହିର କରିବାକୁ ଏଭଳି ବାଇକ ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ଡ୍ରାଇଭ ମାଧ୍ୟମରେ ବିକଟାଳ ବା ଉଚ୍ଚ ଶବ୍ଦ କରୁଥିବା ବାଇକ ବ୍ୟବହାର କରୁଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମେ ସିସିଟିଭି ଦ୍ୱାରା ଅଭିଯାନକୁ ମନିଟର କରୁଛୁ। ଯେଉଁଠି ବି ପରିବର୍ତ୍ତିତ ସାଇଲେନ୍ସର ଦେଖାଯିବ ସେ ବାଇକକୁ ଜବତ କରିବାକୁ ପିସିଆର ଟିମକୁ କୁହାଯାଇଛି। ଆବଶ୍ୟକତା ପଡ଼ିଲେ ଚାଳକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯିବ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ସରକାରୀ ବ୍ୟବସ୍ଥାରେ ନିୟମ କ'ଣ ରହିଛି । ସାଇଲେନ୍ସର ପାଇପରୁ ସର୍ବାଧିକ ୮୦ ଡେସିମିଲ ଶବ୍ଦ ବାହାରିବାର ନିୟମ ରହିଛି। ଏହାଠାରୁ ଅଧିକ ଶବ୍ଦ ବାହାରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ଲୋକେ ଏହାଠାରୁ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ପାଇପ ବ୍ୟବହାର କରୁଥିବା ଦେଖାଯାଉଛି। ଏହା ବେଆଇନ ହୋଇଥିବାରୁ ଟ୍ରାଫିକ ପୋଲିସ ପକ୍ଷରୁ ସାଇଲେନ୍ସର କଢ଼ାଯିବା ସହ ଚାଳକଙ୍କଠୁ ଏମଭି ଆକ୍ଟ ଆନୁଯାୟୀ ଜରିମାନା କଟାଯାଉଛି। ଏଥିସହ ଆରଟିଓ ପକ୍ଷରୁ ମଧ୍ୟ ଜରିମାନା କଟାଯିବାର ନିୟମ ରହିଛି। ସର୍ବନିମ୍ନ ଶବ୍ଦ ଥିବା ଗାଡ଼ିର ହର୍ଣ୍ଣ ବ୍ୟବସ୍ଥା କରନ୍ତୁ କାରଣ ଏହା ଆପଣଙ୍କ ପାଇଁ ଯେତିକି ବିପଦ ନୁହେଁ ରାସ୍ତାରେ ଯାଉଥିବା ପଥଚାରୀ ଓ ଅନ୍ୟ ଗାଡ଼ି ଚାଳକଙ୍କ ପାଇଁ ଏହା ବଡ଼ ବିପଦର କାରଣ ପାଲଟୁଛି। ସଚେତନ ହୁଅନ୍ତୁ ନଚେତ ପୋଲିସର ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନକୁ ସାମ୍ନା କରି ନିଜ ଓ ନିଜ ପରିବାରର ମାନ ସମ୍ମାନ ହାନି କାହିଁକି କରିବେ? ଏ ଦିଗରେ ଟିକେ ସମାଜ ପ୍ରତି ଥିବା ଆପଣଙ୍କ ଦାୟିତ୍ୱକୁ ମନେପକାନ୍ତୁ ଓ ସଚେତନ ରୁହନ୍ତୁ।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ, ଦୂରଭାଷ: ୯୪୩୭୧୪୨୭୧୭*

# ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ



ଯାଜପୁର (ପିଏନ୍)-ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସାହିତ୍ୟିକ ଓ ସାମ୍ବାଦିକ ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କର ଶ୍ରାଦ୍ଧ ଦିବସ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ କରାଯାଇଥିଲା । ନଗର କଂଗ୍ରେସର ସଭାପତି ନାରାୟଣ ସାମନ୍ତଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱର୍ଗତଃ ପଟ୍ଟନାୟକଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ୱର୍ଗତଃ ପଟ୍ଟନାୟକ ଜଣେ ପ୍ରଥିତଯଶା ସାହିତ୍ୟିକ, ଗବେଷକ ଓ ସଂସ୍କୃତବିତ୍ ଭାବରେ ଅନେକ ପୁସ୍ତକ ଓ ପ୍ରବନ୍ଧ ରଚନା କରିଯାଇଛନ୍ତି । ତାଙ୍କ ଜୀବନର ଶେଷ ସମୟ ପର୍ଯ୍ୟନ୍ତ କଂଗ୍ରେସ ଦଳପାଇଁ ହିଁ ସେ ଚିନ୍ତା କରୁଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାପରେ ଯାଜପୁର ଏବଂ ଖୋର୍ଦ୍ଧା ଜିଲ୍ଲାର ସଦର ମହକୁମା ସେ ଯାଜପୁର ଏବଂ ଖୋର୍ଦ୍ଧାଠାରେ ପ୍ରତିଷ୍ଠା କରିଥିଲେ । ତାଙ୍କର ଶାସନ କାଳରେ ଓଡ଼ିଶାର ସାମଗ୍ରିକ ଉନ୍ନତି ଓ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିଥିଲା । ଏହି ଶ୍ରାଦ୍ଧୋତ୍ସବରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ପିସିସି ସମ୍ପାଦକ ତଥା ଯାଜପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସନ୍ତୋଷ କୁମାର ନନ୍ଦ, ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ସାଧାରଣ ସମ୍ପାଦକ ହୃଷିକେଶ ପତି, କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥିନୀ ପ୍ରିୟଦର୍ଶିନୀ ସାମନ୍ତ, ରାଜ୍ୟ ଓବିସି ସେଲ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ, ନକୁଳ ଦେବ ସାହୁ, ଉତ୍କଳ କେଶରୀ ପାଣିଗ୍ରାହୀ, ଦୀପକ ଦାସ, ଭରତ ସେନାପତି ଓ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲ୍ଲା କଂଗ୍ରେସ ଦଳିତ ସେଲ ସଭାପତି ଦୁର୍ଯ୍ୟୋଧନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ ବର୍ଷରେ ନୂଆ ରୂପରେ ଜୀସାର୍ଥକର ଦାଦାଗିରି



ଖୋର୍ଦ୍ଧା (ପିଏନ୍)- ଓଡ଼ିଆ ନୂଆବର୍ଷରେ ନୂଆ ଚମକ ସହ ଜୀସାର୍ଥକର ଦାଦାଗିରି। ଏହି ଲୋକପ୍ରିୟ ରିୟଲିଟି ସୋରେ ପୁଣି ହେବ ପ୍ରତିଭାର ବିଜୟ। ଏହି କାର୍ଯ୍ୟକ୍ରମର ଟାଇଟଲ ରହିଛି ପ୍ରତିଭାର ଦାଦାଗିରି। ତେବେ ଏହି ସୋରେ ଏବେ ନଜରକୁ ଆସିବେ ଓଲିଉଡ଼ ମେଗା ଷ୍ଟାର ସିଦ୍ଧାନ୍ତ ମହାପାତ୍ର। ଓଡ଼ିଆ ଟେଲିଭିଜନରେ ପ୍ରଥମ ଥର ପାଇଁ ସିଦ୍ଧାନ୍ତ ମହାପାତ୍ର ରିୟଲିଟି ସୋ'କୁ ହୋଷ୍ଟ କରିବେ। ଯାହାକୁ ନେଇ ପୁରା ଓଡ଼ିଶାବାସୀ ଏହି କାର୍ଯ୍ୟକ୍ରମକୁ ଚାହିଁ ବସିଛନ୍ତି। ମନୋରଂଜନ ସାଙ୍ଗକୁ ସୂଚନାଧର୍ମୀ ହେବ ପ୍ରତିଭାର ଦାଦାଗିରି। ଏହି ରିୟଲିଟି ସୋରେ ଓଡ଼ିଶାର କୋଣ ଅନୁକୋଣରୁ ପ୍ରତିଭା ଚୟନ କରିବେ ଓଲିଉଡ଼ ମେଗାଷ୍ଟାର ସିଦ୍ଧାନ୍ତ ମହାପାତ୍ର। ନିଜ ଅନ୍ଦାଜରେ ପ୍ରତିଯୋଗୀମାନଙ୍କ ସହ ମଜା ମସ୍ତି କରିବେ ମୁନା ଭାଇ। ମେଗା ରିୟଲିଟି ସୋ ଦାଦାଗିରି ଘରେ ଘରେ ସବୁ ବର୍ଗର ଲୋକଙ୍କ ମନୋରଂଜନ କରି ଆସିଛି। ଏହି ରିୟଲିଟି ସୋ ସିଦ୍ଧାନ୍ତଙ୍କ ଚମକରେ ଆହୁରି ଅଧିକ ଚମକିବ ବୋଲି ଚ୍ୟାନେଲ ପକ୍ଷରୁ ଜୀସାର୍ଥକ ଚ୍ୟାନେଲ ମୁଖ୍ୟ ଶ୍ରୀ ପ୍ରତିକ ସିଲ ମତ ଦେଇଛନ୍ତି। ଓଲିଉଡ଼ର ମେଗା ଷ୍ଟାର ସିଦ୍ଧାନ୍ତ ଅଭିନୟ, କ୍ରୀଡ଼ା, ରାଜନୀତି ସବୁଥିରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ତେଣୁ ପ୍ରତିଭାର ଦାଦାଗିରିରେ ସିଦ୍ଧାନ୍ତଙ୍କ ହୋଷ୍ଟ ଏହି କାର୍ଯ୍ୟକ୍ରମରେ ତାର ଚାନ୍ଦ ଲଗାଇବ ବୋଲି କୁହାଯାଇପାରେ। ନବେ ଦଶକରୁ ନେଇ ଆଜି ଯାଏଁ ନିଜ ଅଭିନୟର ଯାଦୁରେ ଓଡ଼ିଶାବାସୀଙ୍କ ହୃଦୟ ଜିତି ଆସିଛନ୍ତି ସିଦ୍ଧାନ୍ତ ମହାପାତ୍ର। ପ୍ରାୟ ୧୮୦ରୁ ଅଧିକ ଓଡ଼ିଆ ସିନେମା ସହ ତାମିଲ ଓ ବଙ୍ଗଳା ସିନେମାରେ ଅଭିନୟ କରି ସମସ୍ତଙ୍କର ପସନ୍ଦ ହୋଇ ପାରିଛନ୍ତି ମୁନା ଭାଇ। ଆଜି ବି ଯୁବ ବର୍ଗଙ୍କ ପ୍ରଥମ ପସନ୍ଦ ସିଦ୍ଧାନ୍ତ ମହାପାତ୍ର। ଏବେ ବି ସିଦ୍ଧାନ୍ତଙ୍କ ଅଭିନିତ ପ୍ରତିଟି ସିନେମା ଦର୍ଶକ ଦେଖିବାକୁ ପାଗଳ ହୋଇଯାଆନ୍ତି। ସିରିୟଲରେ ମଧ୍ୟ ଅଭିନୟ କରି ଓଡ଼ିଆ ଦର୍ଶକଙ୍କ ମନ କିଣିଛନ୍ତି ମୁନା ଭାଇ। ସାତଥର ଓଡ଼ିଶା ଫିଲିମ ଫେୟାର ଆୱାର୍ଡ଼ ଜିତିବାରେ ସିଦ୍ଧାନ୍ତ ହେଉଛନ୍ତି ଏକମାତ୍ର ଓଲିଉଡ଼ ଅଭିନେତା। ନାୟକରୁ ଖଳନାୟକ ପ୍ରତିଟି ଅଭିନୟ ମନଛୁଆଁ ହୋଇଛି। ତେଣୁ ତାଙ୍କ ପ୍ରଶଂସକମାନେ ପ୍ରତିଭାର ଦାଦାଗିରିରେ ନିଜ ପ୍ରିୟ ଅଭିନେତା ସିଦ୍ଧାନ୍ତଙ୍କୁ ଏବେ ଦେଖିବାକୁ ପାଇବେ। ଏହି ସୋ'ଟି ଜୀ-ସାର୍ଥକରେ ପ୍ରତ୍ୟେକ ଶନିବାର ଓ ରବିବାର ରାତି ୯.୩୦ରେ ପ୍ରସାରିତ ହେବ।

# ଆନନ୍ଦପୁର ଅବକାରୀ ବିଭାଗର ଚଢାଉ, ୩ ଗିରଫ

ଆନନ୍ଦପୁର (ପିଏନ୍): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାମ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁରର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢାଉ କରି ୬୨ ଲିଟର ମହୁଲି ମଦ ସହିତ ୭୨୦ କେ.ଜି. ମହୁଲପୋଚ ଜବତ କରି ୩ ଜଣଙ୍କୁ ଗିରଫ କରିଛି । ଅବକାରୀ ନୀରିକ୍ଷକ ପ୍ରଫୁଲ କୁମାର ମହାନ୍ତ, ଉପନୀରିକ୍ଷକ ନରେନ୍ଦ୍ର କୁମାର ପ୍ରଧାନ ଆନନ୍ଦପୁର ଥାନା ଅନ୍ତର୍ଗତ ଫକୀରପୁର, ଶରଧାପୁର, ବାଉଁଶଗଡ, ରଟୁଆଁ, କଇନିପୁରା ପ୍ରଭୃତି ଗ୍ରାମର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରୀ ଆଡ୍ଡା ଉପରେ ଚଢାଉ କରିଥିଲେ । ଚଢାଉ ବେଳେ ମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ଅନେକ ସରାମ ମଧ୍ୟ ଜବତ କରିଥିଲା । ଏହି ଚଢାଉରେ ଅବକାରୀ କର୍ମଚାରୀ ସଂଜୀବ ସେଠୀ, ସୁଶାନ୍ତ ରାଉତ, ଲକ୍ଷଣ ମହାନ୍ତ, ନିବେଦିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ ।

# 'ବ୍ରିଟ'ର ପକ୍ଷ ଛେଦନ କଲେ ରାଜ୍ୟ ସରକାର

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରିଜିଓନାଲ ଇମ୍ପ୍ରୋଭମେଂଟ ଟ୍ରଷ୍ଟ ସହିତ ରାଜ୍ୟର ସମସ୍ତ ରିଜିଓନାଲ ଇମ୍ପ୍ରୋଭମେଂଟ ଓ ସ୍ପେଶାଲ ପ୍ଲାନିଂ ଅଥରିଟି ଠାରୁ ସରକାର ଆଂଶିକ କ୍ଷମତା କାଢ଼ି ନେଇଛନ୍ତି। ଏବେ ସହରାଞ୍ଚଳର କୋଠା ନିର୍ମାଣ, ପ୍ଲାନିଂ, ଜମି ର ବ୍ୟବହାର, ପ୍ଲାନ ଆପ୍ରୋଭାଲ, ସବଡିଭିଜନାଲ ରେଗୁଲେସନ ଆଦି ମାମଲା ଅବୈଧ ନର୍ମାଣ ଆଦି ପୌରପାଳିକା କିମ୍ବା ଏନଏସି ଅଧିନରେ ରହିବ। ପୌରପାଳିକା ଅଥବା ଏନଏସି ପରିସର ବାହାରେ ଥିବା ଅଞ୍ଚଳ ପୂର୍ବ ପରି 'ବ୍ରିଟ' ଅଧୀନରେ ରହିବ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ ୭୧୮୪ ତା ୨୬/୪/୨୦୨୨ରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହା ଫଳରେ ବାଲେଶ୍ୱର ପୌରପାଳିକା, ସୋର ପୌରପାଳିକା, ଜଳେଶ୍ୱର ପୌରପାଳିକା, ନୀଳଗିରି ଏନଏସି ଅଞ୍ଚଳର ଆଉ ବାଲେଶ୍ୱର ବ୍ରିଟ ଅଧିନରେ ରହିବ ନାହିଁ।




# ପ୍ରତିଶ୍ରୁତି ରକ୍ଷା କଲେ ସାଂସଦ : କୁଡୁମୁଲୁଗୁମ୍ମା ମାଟି ଫେରି ପାଇବ ତା'ର ଅସ୍ତିତ୍ୱ ଓ ଅସ୍ମିତା

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ମା ଗ୍ରାମର ସାକାର ହେବାକୁ ଯାଉଛି; ଐତିହ୍ୟ ପରମ୍ପରା ଓ ସଂସ୍କୃତି ସମ୍ପନ୍ନ ଅନବଦ୍ୟ ଭୂମି ମାଟିର ବହୁପ୍ରତିକ୍ଷୀତ ସ୍ୱପ୍ନ । ସମଗ୍ର ଓଡ଼ିଶାରେ ନିଜର ପୌରାଣିକ, ଐତିହାସିକ, ବୌଦ୍ଧିକ ରାଜନୈତିକ ସ୍ଥିତି ବଜାୟ ରଖିଥିବା ମାଟି କୁଡୁମୁଲୁଗୁମ୍ମା ଫେରି ପାଇବ ତା'ର ହୃତ ଅତିତ, ହୃତ ଗୌରବ ।ସ୍ୱାଧୀନତା ଅମଳରୁ ଆଦିବାସୀ ଅଧ୍ୟୁଷିତ ଦିଦାୟୀ କନ୍ଧ ଭୂମିଆଁ ଓ ପରଜା ମାଟିଆ ଭାଇ ମାନଙ୍କ ସାମାଜିକ, ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ କୁଡୁମୁଲୁଗୁମ୍ମା ବ୍ଲକ ୧୯୬୨ ମସିହାରେ ପ୍ରତିଷ୍ଠା ହୋଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବାପରେ କୋରାପୁଟ ଜିଲ୍ଲା ଓଡ଼ିଶା ଅଧିକୃତ ହେଉଥିବା ସମୟରେ ମାଡ୍ରାସ ପ୍ରେସିଡେନ୍ସି ଅନ୍ତର୍ଭୁକ୍ତ। ଏ ସମଗ୍ର ଅଂଚଳର ସାମାଜିକ, ଆର୍ଥିକ ଓ ବୌଦ୍ଧିକ ବିକାଶକୁ ଆଖି ଆଗରେ ରଖି ବିଚ୍ଛିନ୍ନାଚଂଳ ଚିତ୍ରକୋଣ୍ଡା ଓ କୋରୁକୋଣ୍ଡା ବ୍ଲକର ପ୍ରାୟ ୯ଟି ପଂଚାୟତକୁ ନେଇ ଗଠିତ ହୋଇଥିବା ଏହି ଐତିହାସିକ ବ୍ଲକ କାଳକ୍ରମେ ୧୧ଟି ପଂଚାୟତକୁ ପରିବର୍ଦ୍ଧିତ ହୋଇଥିଲା। ଘଟଣାକ୍ରମେ ସ୍ୱାଭିମାନ ଅଂଚଳର ବିକାଶକୁ ଆଖି ଆଗରେ ରଖି ଓଡ଼ିଶା ସରକାର ଚିତ୍ରକୋଣ୍ଡା ସଦର ମହକୁମାକୁ ନୂତନ ବ୍ଲକ ଭାବେ ଘୋଷଣା କରି କୁଡୁମୁଲୁଗୁମ୍ମା ବ୍ଲକକୁ ଉଚ୍ଛେଦ କରିବା ସହ କାର୍ଯ୍ୟାଳୟକୁ ଚିତ୍ରକୋଣ୍ଡାକୁ ସ୍ଥାନାନ୍ତରିତ କରିଥିଲେ। କୋଟି କୋଟି ଟଙ୍କାର ବ୍ଲକ କାର୍ଯ୍ୟାଳୟ ଭୂତକୋଠି ପାଲଟି ଯାଇଥିଲା। ଗତ ତା ୦୩/୬/୨୩ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ କୁଡୁମୁଲୁଗୁମ୍ମା ଗସ୍ତ କରି ବିକାଶ ପାଇଁ ଜନସଂପର୍କ ବୈଠକ ଆୟୋଜନ କରିଥିଲେ। ଏହି ଅଂଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ସାହିତ୍ୟିକ, ରାଜନୈତିକ ବ୍ୟକ୍ତିବିଶେଷ ସାଂସଦ ନବରଙ୍ଗପୁରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହି ଐତିହାସିକ ସଂସ୍କୃତି ପରମ୍ପରା''ସମ୍ପନ୍ନ ବୀରଭୂମିର ଅପହୃତ ଅତିତ ସଂପର୍କରେ ଆଲୋଚନା କରିବା ସହ ଲିଖିତ ଭାବରେ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ସବୁ କଥା ଅନୁଧ୍ୟାନ କରିବା ପରେ ସାଂସଦ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଲୋକସେବକ ଭବନ ଭୁବନେଶ୍ୱରରେ ଭେଟିବା ସହ ଏ ଅଂଚଳର ଲୋକଙ୍କ ଭାବାବେଗକୁ ସମ୍ମାନ ଜଣାଇ ଏହି ସଦର ମହକୁମାକୁ (ଏନ୍.ଏ.ସି.) ବିଜ୍ଞାପିତ ଅଂଚଳ ପରିଷଦ କୁଡୁମୁଲୁଗୁମ୍ମା ଭାବେ ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ସାଂସଦ ନବରଙ୍ଗପୁର ଶ୍ରୀ ମାଝୀ ଟୁଇଟ୍ କରିବା ସହ ନିଜ ପ୍ରତିନିଧିଙ୍କ ମାଧ୍ୟମରେ କୁଡୁମୁଲୁଗୁମ୍ମା ଅଂଚଳବାସୀଙ୍କୁ ସୂଚିତ କରିଛନ୍ତି। ସାଂସଦଙ୍କ ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରିବା ସହ ବିଜ୍ଞାପିତ ଅଂଚଳ ପରିଷଦ ଗଠନ ହେଲେ ଏ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କୁଟୀର ଶିଳ୍ପ ଓ ଗମନାଗମନର ବିକାଶ ହେବା ସହ କର୍ମସଂସ୍ଥାନ ସୃଷ୍ଟି ଓ ଦାଦନ ସମସ୍ୟା ଦୂର ତଥା ଲୋକକଲ୍ୟାଣ କାର୍ଯ୍ୟକ୍ରମର ସଠିକ ରୁପାନ୍ତରଣ ହୋଇ ଅପରିତ୍ୟକ୍ତ ଭାବେ ପଡ଼ିଥିବା କୋଟି କୋଟି ଟଙ୍କାର ପୁରୁଣା କାର୍ଯ୍ୟାଳୟ କୋଠା ସରକାରୀ କାର୍ଯ୍ୟରେ ବିନିଯୋଗ ହେବ। ବିଜ୍ଞାପିତ ଅଂଚଳ ପରିଷଦ ହେବା ପାଇଁ ଆବଶ୍ୟକୀୟ ସମସ୍ତ ଯୋଗ୍ୟତା ଓ ମାପଦଣ୍ଡ କୁଡୁମୁଲୁଗୁମ୍ମା ଗ୍ରାମପଂଚାୟତର ଅଛି। ଏଥିନିମନ୍ତେ ଆବଶ୍ୟକୀୟ ଜନସଂଖ୍ୟା, ଭୌଗୋଳିକ ଅବସ୍ଥିତି ଓ ସାହ୍ୱିସ୍ତି ସବୁ ମାନଦଣ୍ଡକୁ ସଠିକ ଭାବେ ପୂରଣ କରୁଥିବାରୁ ଏହି ଅଂଚଳକୁ ଏନ୍.ଏ.ସି. ଘୋଷଣା କରିବାକୁ ସାଂସଦ ନବରଙ୍ଗପୁର ଇଚ୍ଛା ପ୍ରକାଶ କରିଛନ୍ତି। ଏହି ଐତିହାସିକ ନିଷ୍ପତି ଫଳରେ, କୁଡୁମୁଲୁଗୁମ୍ମା ମାଟି ହରାଇଥିବା ତା'ର ହୃତ ଗୌରବ ଫେରି ପାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନବୀନ ଓଡ଼ିଶାର ରୁପାନ୍ତରଣ କାର୍ଯ୍ୟକ୍ରମ ସଫଳ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।ଏହି ମହତ୍ କାର୍ଯ୍ୟ ନିମନ୍ତେ କୁଡୁମୁଲୁଗୁମ୍ମା ମାଟିର ଯୁବଗୋଷ୍ଠୀ, ବୁଦ୍ଧିଜୀବୀ, ଛାତ୍ର, ଶିକ୍ଷକ, ଆଇନଜୀବୀ,କ୍ୱି ସାହିତ୍ୟିକ, ସମାଜସେବୀ ନବରଙ୍ଗପୁର ସାଂସଦ ଶ୍ରୀ ରମେଶ ମାଝୀଙ୍କୁ ସାଧୁବାଦ ଅର୍ପଣ କରିବା ସହ ଏନେଇ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି।

## ଦିନିକିଆ କନ୍ଧମାଳ ଗସ୍ତରେ ରାଜ୍ୟ ସରକାରଙ୍କ ତିନି ମନ୍ତ୍ରୀ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ଦିନିକିଆ ଗସ୍ତରେ ରାଜ୍ୟ ସରକାରଙ୍କ ତିନି ମନ୍ତ୍ରୀ । ରାଜ୍ୟ ଜଙ୍ଗଲ ପରିବେଶ ଓ ପଂଚାୟତରାଜ, ପାନୀୟ ଜଳ ଓ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଗ୍ରାମ୍ୟ ଉନ୍ନୟନଓ ପ୍ରଯୁକ୍ତି ବିଦ୍ୟା ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଓ ଆଦିବାସୀ ହରିଜନ କଲ୍ୟାଣ ପଛୁଆବର୍ଗ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ଆଜି ହେଲିକ୍ୟାପଟର ଯୋଗେ ଭୁବେନେଶ୍ୱରରୁ, କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ମୁଖ୍ୟାଳୟ ଠାରେ ଥିବା ହାଇସ୍କୁଲ ପଡ଼ିଆରେ ଠାରେ ଦିନ ୧୧.୩୦ରେ ପହଂଚିଥିଲେ। ସେଠାରେ ପ୍ରଥମେ ବିଜୁ ପଟ୍ଟନାୟକ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଜଙ୍ଗଲ ଭିତରକୁ ଯାଇ ଦୁଇଟି ଦୋକାନ ଘର ଉଦଘାଟନ କରିଥିଲେ। ପରେ ବ୍ଲକ ପରିସରରେ ମିଶନ ଶକ୍ତି କ୍ୟାଫେକୁ ଉଦଘାଟିତ କରିଥିଲେ। ଏହା ସହିତ କାଶିନିପଦର ନୂତନ ପଂଚାୟତ ଗୃହ ଉଦଘାଟିତ କରିଥିଲେ। ସେଠାରୁ ଗୋଛାପଡ଼ା ଯାଇ ତିନୋଟି ବିଜୁ ସେତୁର ଉଦଘାଟନ କରିଥିଲେ। ପରେ ମନ୍ତ୍ରୀମାନେ ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇଥିଲେ। ଏହି ଅବସରରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲିକ, ଫିରିଙ୍ଗିଆ ବିଡ଼ିଓ ରଶ୍ମିରଞ୍ଜନ ମହନ୍ତ,ବିଜୁ ଜନତା ଦଳର କନ୍ଧମାଳ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ଫିରିଙ୍ଗିଆ ବ୍ଲକ୍ ଅଧ୍ୟକ୍ଷା ନମିତା କହଁର, ଜିଲା ପରିଷଦ ସଭ୍ୟ ନିଳଗିରି ଦିଗାଲ,ଜୟଶ୍ରୀ କହଁର, ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ବିଜେଡ଼ି ବ୍ଲକ ସଭାପତି ରଜନି କାନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ବାହାନଗା ଉଚ୍ଚ ବିଦ୍ୟାଳୟ ଶବ ରଖାଯାଇଥିବା ଶ୍ରେଣୀଗୃହ ଭଙ୍ଗା କାର୍ଯ୍ୟ ଆରମ୍ଭ

ବାଲେଶ୍ୱର,(ପି.ଏନ): ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଆଜି ବାହାନଗା ଉଚ୍ଚ ବିଦ୍ୟାଳୟରେ ଶବ ରଖାଯାଇଥିବା ଶ୍ରେଣୀଗୃହ ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଛି । ପିଲାମାନେ ବିଦ୍ୟାଳୟକୁ ଆସିବାକୁ ଭୟ କରିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ପରିଚାଳନା କମିଟି ଉପସ୍ଥିତିରେ ଏହି ଭଙ୍ଗା କାର୍ଯ୍ୟ ଜାରୀ ରହିଛି । ଗତକାଲି ସ୍କୁଲ ପରିଦର୍ଶନ ପରେ ଏହି କୋଠରୀଗୁଡିକୁ ଭାଙ୍ଗିବା ପାଇଁ ବାଲେଶ୍ୱର ଜିଲ୍ଲାପାଳ ଦତାତ୍ରୟ ଭାଉ ସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ ।ପ୍ରକାଶ ଥାଉକି, ଗତ ୨ ତାରିଖ ସଂନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲାର ବାହାନଗା ଠାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଅଦ୍ୟାବଧି ସରକାରୀ ଭାବେ ୨୮୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣା ପରେ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ମୃତଦେହକୁ ପ୍ରଶାସନ ପକ୍ଷରୁ ଶବ ଚିହ୍ନଟ ପ୍ରକ୍ରିୟା ପାଇଁ ବାହାନଗା ଉଚ୍ଚ ବିଦ୍ୟାଳୟରେ ରଖାଯାଇଥିଲା । ଯାହାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ପରବର୍ତି ସମୟରେ ଛାତ୍ରଛାତ୍ରୀ ସ୍କୁଲକୁ ଆସିବାକୁ ଭୟ କରିଥିଲେ । ଘଟଣା ସମ୍ପର୍କରେ ଅବଗତ ହେବା ପରେ ଗତକାଲି ଜିଲ୍ଲାପାଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ସ୍ଥିତିର ଅନୁଧ୍ୟାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଶିନ୍ଦେ କହିଥିଲେ ଯେ, ରାଜ୍ୟ ସରକାର ଏହି ସ୍କୁଲକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କହିଛନ୍ତି । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ରହିଛି । ସ୍କୁଲର ଯେଉଁ କୋଠରୀରେ ମୃତଦେହ ରଖାଯାଇଥିଲା ତାହାକୁ ଭାଙ୍ଗି ଦିଆଯିବ। ଏହାଛଡା ବିଦ୍ୟାଳୟରେ ରଙ୍ଗ ଦିଆଯିବ । ଆବଶ୍ୟକ ହେଲେ ସ୍କୁଲ କମିଟି ଆଧାତ୍ମିକ ବାତାବରଣ ସୃଷ୍ଟି କରିପାରିବେ । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଦୀର୍ଘ ସମୟ ଧରି ଏସଏମଡିସି, ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ ।

# ବଲାଙ୍ଗୀର ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ଏକ ୭ ଦଫା ଦାବିପତ୍ର ଦେଇ ଏସ୍‌ପିଙ୍କୁ ସାକ୍ଷାତ

ବଲାଙ୍ଗୀର,(ପି.ଏନ): ଶାନ୍ତିପ୍ରିୟ ବଲାଙ୍ଗିର ସହରରେ କିଛି ଦିନ ଶାନ୍ତି ବଜାୟ ରହିବା ପରେ ଏବେ ପୁଣି ଦୈନନ୍ଦିନ ଚୋରି, ଡକାୟତି, ଲୁଟ, ରାହାଯାନୀ, ମାଡପିଟ, ହତ୍ୟା ଭଳି ଘଟଣା ଘଟି ଚାଲୁଥିବା ବେଳେ ଏଥିରେ ପୋଲିସ ପ୍ରଶାସନ ରୋକ ଲଗାଇ ପାରୁନାହିଁ। ଶାନ୍ତିପ୍ରିୟ ସହରରେ ଏବେ ପୁଣି କଥା କଥାକେ ଖଣ୍ଡା ତଲୱାର ଆଦି ଅସ୍ତ୍ରଶସ୍ତ୍ର ଧରି ରାସ୍ତାରେ ବୁଲୁଛି। ଘରେ ପଶି ଚୋର ଡକାୟତ ମାନେ କଳାକନା ବୁଲାଉଛନ୍ତି। ଗାଡି ଚୋରି ଗାଡି ପୋଡି ଘଟଣାମାନ ଏବେ ଦୈନନ୍ଦିନ ଘଟିବାରେ ଲାଗିଲାଣି। ବେନିୟମ ନିଶା କାରବାର ବୃଦ୍ଧି ଯୋଗୁଁ ସାରା ସହର ଏବେ ନିଶା କବଳରେ ରହିଥିବା ବେଳେ ପୋଲିସ ପ୍ରଶାସନ ଯେତେ ଚେଷ୍ଟା କଲେ ବି ଏଥିରେ ରୋକ ଲଗାଇବାରେ ଅକ୍ଷମ ହୋଇ ପଡିଛି। ମୂଖ୍ୟତଃ ଯୁବସମାଜ ଏବେ ନିଶା କବଳରେ। ନିଶାଡିଙ୍କ ଦୌରାମ୍ୟ ଯୋଗୁଁ ମହିଳା ତଥା ବଲାଙ୍ଗିର ଜନ ସାଧାରଣ ଏବେ ମୁଖ୍ୟ ରାସ୍ତାଘାଟରେ ବି ନିଜକୁ ସୁରକ୍ଷିତ ମଣି ପାରୁନାହାନ୍ତି।ଏହାକୁ ଦୃଷ୍ଟିରେ ରଖି ବଲାଙ୍ଗିର ସହରରେ ଶାନ୍ତି, ଶୃଙ୍ଖଳା, ଅପରାଧମୁକ୍ତ, ନିଶାମୁକ୍ତ ଏବଂ ଶୈକ୍ଷିକ ବାତାବରଣ ସୃଷ୍ଟି ନିମନ୍ତେ ଆଜି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ବଲାଙ୍ଗିର ଜିଲ୍ଲାର ନୂତନ ଆରକ୍ଷୀ ଅଧିକ୍ଷକ ଭାବେ ଯୋଗ ଦେଇଥିବା ଶ୍ରୀ ଋଷିକେଶ ଖିଲାରୀ (ଆଇପିଏସ୍)ଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ଉପସ୍ଥାପନ କରାଯିବା ସହିତ ଆଲୋଚନା କରା ଯାଇଥିଲା। ବଲାଙ୍ଗିର ଆରକ୍ଷୀ ଅଧିକ୍ଷକଙ୍କୁ ବଲାଙ୍ଗିର ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଆତୁର ନିବେଦନ କରି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଏକ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲା। ଏହି ସାକ୍ଷାତକାର ସମୟରେ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନର ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ରବୀନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ସେଠ, ସନ୍ଦୀପ ବାଗ, ଉତମ ନନ୍ଦ, ଧନଞ୍ଜୟ ପାଣିଗ୍ରାହୀ, ସୁରେନ୍ଦ୍ର ସେଠ, ରାମ ଦାଶ, ଆଦିକାନ୍ତ କୁମ୍ଭାର, ରୂପକ ପ୍ରଧାନ, ରମେଶ ଭୋଇ, ସୁମିତ ମିଶ୍ର, ଶ୍ୱେତା ସାହୁ ଓ ଅନିତା ମିଶ୍ର ପ୍ରମୁଖ ସଦସ୍ୟ/ ସଦସ୍ୟା ଉପସ୍ଥିତ ରହି ଆଲୋଚନାରେ ସାମିଲ ହୋଇଥିଲେ।

## ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର,(ପି.ଏନ): ଭାଲେର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସରପଂଚ ପ୍ରଦୀପ କୁମାର ନନ୍ଦଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇ ଆଂଚଳିକ ସାଧନ କେନ୍ଦ୍ର ସରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାଲେର କ୍ଲଷ୍ଟରର ୧୧ଟି ବିଦ୍ୟାଳୟରୁ ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ, ଛାତ୍ର ଛାତ୍ରୀ ଉପସ୍ଥିତ ରହି ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ପାଟଣାଗଡ଼ ବିଲେଇ ସାଖି ଗ୍ରାମରେ ବୋମା ନୁହଁ ବାରାହ ଗୁଳା ବୋଲି ପୋଲିସ ସ୍ପଷ୍ଟୀକରଣ

ବଲାଙ୍ଗୀର,(ପି.ଏନ): ପାଟଣାଗଡ଼ : ବମ୍ ନୁହଁ ଏହା ବାରହା ଗୁଳା ଗୁଳା ବୋଲି ପୋଲିସ ସ୍ପଷ୍ଟିକରଣ ଦେଇ କହିଛନ୍ତି। ବାରହା ଶିକାର କଥାବାର୍ତା କରିବା ପାଇଁ କେହି ଦୁର୍ବୃତ ନାଳ ଖଣ୍ଡି ବୁଦା ଭିତରେ ରଖିଦେଇଥିଲା ବଲି ସୂଚନା ଦେଇଛନ୍ତି ପାଟଣାଗଡ଼ ଏସ୍‌ଡ଼ିପିଓ ଜ୍ୟୋତିର୍ମୟ ଭୁକ୍ତା। ଏପରିକି ଘଟଣା ସ୍ଥଳ୍‌ରୁ ନଫୁଟିଲା ଗୁଳା ବି ସେହି ସ୍ଥାନରୁ ପୁଲିସ ପାଇଥିବାର କହିଛନ୍ତି ଏସ୍‌ଡ଼ିପିଓ ଜ୍ୟୋତି ମୟ ଭୁକ୍ତା। ଗଲାକାଲି ଅପରାହ୍ନରେ ପାଟଣାଗଡ଼ ଥାନା ଅନ୍ତର୍ଗତ ବିଲେଇସାଥୀ ଗାଁ ରେ ଘଟିଥିବା ଘଟଣାରେ ଅଂଚାଳରେ ବୋମା ବିସ୍ଫୋରଣରେ ଜଣେ ଗୁରୁତର ବୋଲି ସବୁଆଡେ ଆତଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଆତଙ୍କର ବାତାବରଣ ରେ ଲୋକେ ଭୟଭୀତ ଥିଲେ ଏହି ଘଟଣାରେ ବିଲେଇସାଥୀ ଗାଁର ହେମସାଗର ସାହୁ ନାମକ ଯୁବକ ଗୁରୁତର ଆଘତ ପ୍ରାପ୍ତ ହୋଇ ହେଇ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜ ହସ୍‌ପିଟାଲ୍ ରେ ଚିକିତ୍ସିତ ହଉଛନ୍ତି । ଘଟଣା ପରେ ପାଟଣାଗଡ଼ ପୋଲିସ ସହିତ ସାଇଟିଫିକ୍ ଟିମ ମଧ୍ୟ ପହଂଚି ଘଟନାସ୍ଥଳ ଛାନ୍‌ଭିନ୍ କରିଥିଲେ । ବଲାଙ୍ଗିର ଏସ୍‌ପି ରିଷିକେଶ ଖିଲାରୀ ବି ଘଟଣା ସ୍ଥଳକୁ ଯାଇଥିଲେ। ପାରିପାର୍ଶିକ ଅବସ୍ଥା ଏବଂ ମିଳିଥିବା ଆଉ ଗୋଟିଏ ଅଫୁଟା ଗୁଳା ମିଳିଲା ପରେ ତାକୁ ନିଷ୍କ୍ରିୟ କରାଯାଇଛି ବୋଲି ପୁଲିସ୍ ପ୍ରକାଶ କରିଛି।

# ଅବ୍ୟବସ୍ଥାରେ ଚମ୍ପୁଆ କୃଷି ଜିଲ୍ଲାସ୍ତରୀୟ କୃଷକ ମେଳା : ଆସିଲେନି ନିମନ୍ତ୍ରିତ ଅତିଥି, ଗରମରେ ସିଝିଲେ ଉପସ୍ଥିତ ଚାଷୀ

ଚମ୍ପୁଆ ,(ପି.ଏନ): ବ୍ୟାପକ ଅବ୍ୟବସ୍ଥା ଭିତରେ ଚମ୍ପୁଆ କୃଷି ଜିଲ୍ଲା ପକ୍ଷରୁ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ କୃଷକ ମେଳା ଆୟୋଜିତ ହୋଇ ଯାଇଛି। ଚମ୍ପୁଆ କୃଷି ଜିଲ୍ଲା ଅଧିକାରୀ ମନୋରଞ୍ଜନ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଥିରେ ଚମ୍ପୁଆ ଉପଖଣ୍ଡର ଚାଷୀମାନଙ୍କୁ ଅଣ ଦେଖା କରାଯାଇ କାର୍ଯ୍ୟକ୍ରମରେ ଚାଷୀଙ୍କ ଉପସ୍ଥିତି ଉପରେ କୌଣସି ଗୁରୁତ୍ୱ ଦିଆଯାଇ ନଥିବାବେଳେ ବିଭିନ୍ନ ବିଭାଗୀୟ କର୍ମଚାରୀ, କୃଷକ ସାଥି ଓ ନିର୍ଦ୍ଦିଷ୍ଟ ସ୍ୱୟଂସହାୟିକା ଗୋଷ୍ଠି ସଦସ୍ୟମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇଥିବା ଅତିଥି ପାଟଣା ବିଧାୟକ ଜଗନ୍ନାଥ ନାଏକ, ସଦର ବିଧାୟକ ମୋହନ ଚରଣ ମାଝୀ, କେନ୍ଦୁଝର ଜିଲ୍ଲା ପରିଷଦ ଅଧ୍ୟକ୍ଷ ସାଗରୀକା ସାହୁ କାର୍ଯ୍ୟକ୍ରମକୁ ଆସିନଥିବାବେଳେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ନିର୍ଧାରିତ ସମୟ ଠାରୁ ଦୁଇଘଂଟା ଡେରିରେ ପହଂଚିଥିଲେ। ଏଥିରୁ ଅତିଥିମାନଙ୍କର କୃଷକ ମାନଙ୍କ ପ୍ରତି କେତେ ଦରଦ ବେଶ ଅନୁମେୟ। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଉପଖଣ୍ଡସ୍ଥ ଚମ୍ପୁଆ ବ୍ଲକ, ଯୋଡ଼ା ବ୍ଲକ ଓ ଝୁମ୍ପୁରା ବ୍ଲକର ଅଗ୍ରଣୀ ଚାଷୀମାନଙ୍କୁ ଉପେକ୍ଷା କରାଯାଇ କିଛି ନିର୍ଦ୍ଦିଷ୍ଟ ଚାଷୀଙ୍କୁ ଡକାଯାଇ କାର୍ଯ୍ୟକ୍ରମଟିକୁ ସଫଳ କରିବା ଲକ୍ଷରେ ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟ, ବିଭାଗୀୟ କର୍ମଚାରୀ, କୃଷକ ସାଥି, କୃଷକ ବନ୍ଧୁ, ମନରେଗା ଠିକାଦାର ମାନଙ୍କୁନେଇ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବକୁ ସଫଳ କରିବା ପାଇଁ ଭରପୁର ପ୍ରଚେଷ୍ଟା କରାଯାଇଥିବା ଦେଖିବାକୁ ମିଳିଛି। ଏହି କୃଷକ ମେଳାକୁ ପାଟଣା ବିଧାୟକ, ସଦର ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଚମ୍ପୁଆ ବିଧାୟିକାଙ୍କୁ ନିମନ୍ତ୍ରିତ କରାଯାଇଥିଲେ ହେଁ ଅନ୍ୟ ନିମନ୍ତ୍ରିତ ଅତିଥି ମାନେ ଆସି ନ ଥିବା ବେଳେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ନିର୍ଦ୍ଧାରିତ ସମୟରେ ଚମ୍ପୁଆସ୍ଥିତ ନିଜ କାର୍ଯ୍ୟାଳୟରେ ପହଂଚିଥିଲେ ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବେ କି ନ ଦେବେ ଦୋ ଦୋ ପାଂଚ ହୋଇ ପ୍ରାୟ ଦୁଇ ଘଂଟା ବିଳମ୍ବରେ ଦିନ ୧୨ ଟା ୨୦ ମିନିଟ ସମୟରେ ଯାଇ କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଆସିଥିବା ଲୋକମାନେ ୪୧ ଡିଗ୍ରୀ ଧୁ ଧୁ ଖରାରେ ଟେଂଟ ତଳେ ବସି ଗରମ ଝାଳରେ ସିଝି ଅତିଷ୍ଠ ହୋଇ ପଡିଥିଲେ। ଫଳରେ ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା।ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଷ୍ଟଲ କରିବାକୁ ସୁଯୋଗ ଦିଆଯାଇ ନଥିବାବେଳେ ବିଭାଗୀୟ ଷ୍ଟଲ କରାଯାଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ଷ୍ଟଲ ରେ ବଜାରରୁ ସାମଗ୍ରୀ କିଣାଯାଇ ଅଥବା ଅନ୍ୟ ବିଭାଗରୁ ସାମଗ୍ରୀ ଅଣାଯାଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଚେଷ୍ଟା କରାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏହି କର୍ଯ୍ୟକ୍ରମରେ କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀଧନ, ଉଠା ଜଳସେଚନ, ଆଇଟିଡିଏ, ମୃତିକା ସଂରକ୍ଷଣ, ଆଦି ବିଭାଗ ର କର୍ମଚାରୀମାନେ ଭାଗ ନେଇ ଥିବା ବେଳେ ପ୍ରକୃତ ଚାଷୀ ମାନଙ୍କୁ ଦେଖିବାକୁ ନମିଳିବା ଏହି କାର୍ଯ୍ୟକ୍ରମର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଆଜି ନିର୍ଦ୍ଧାରିତ ସମୟ ଠାରୁ ଦୁଇ ଘଂଟା ବିଳମ୍ବରେ ଚମ୍ପୁଆ ବିଧାୟିକା ଶ୍ରୀମତି ମୀନାକ୍ଷୀ ମହାନ୍ତ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ମଣ୍ଡଳ, ଯୋଡା ବ୍ଲକ ଅଧ୍ୟକ୍ଷ କ୍ୱିନ୍ଦ୍ର ନାଏକ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ମଲ୍ଲିକ ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁନୁ ହାସଦା ଯୋଗ ଦେଇଥିଲେ।

# ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝୁଛନ୍ତି ବିଜେଡି ଯୁବନେତା ମଂଟୁ ନାଏକ

ଭବାନୀପାଟଣା, (ପି.ଏନ): ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ସଦର ବ୍ଲକ ଅନ୍ତର୍ଗତ ପାଲସିଝରନ ପଂଚାୟତର ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଂଟୁ ନାଏକ। ଆଜି ପାଲସିଝରନ ପଂଚାୟତର ଘୁଷୁରିଗୁଡି, ତେନ୍ତୁଳିଚୁଆଁ, ପାଲସିଝରନ, ଡୁଙ୍ଗିପୁଙ୍ଗା, ଭିକାଝରନ, ଖୋଲାଣ୍ଡି ପ୍ରମୁଖ ଗାଁ କୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତା ପହଂଚାଇବା ସହ ଶହ ଶହ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି ମଂଟୁ ନାଏକ। ତୃଣମୂଳ ସ୍ତରରେ ଯୁବ ସଂଗଠନ କିଭଳି ଆହୁରି ମଜଭୂତ ହୋଇପାରିବ ଏବଂ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଂଚିପାରିବ ସେହି ଲକ୍ଷ୍ୟ ନେଇ ତୃଣମୂଳ ସ୍ତରରେ ଆଲୋଚନା କରୁଛନ୍ତି। ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକ କିଭଳି ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ସମସ୍ତଙ୍କୁ ସଂକଳ୍ପ ନେବା ପାଇଁ ଶ୍ରୀ ନାଏକ ଆହ୍ୱାନ ଦେଇଛନ୍ତି। ଏହା ସହିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟସଭା ସାଂସଦ ସୁଜିତ କୁମାର ଏବଂ ଜିଲ୍ଲା ବିଜେଡ଼ି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସହ ଭିଡ଼ିଓ କଲ ଜରିଆରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରିକି ଛୋଟ ଛୋଟ ସମସ୍ୟାର ସମାଧାନକୁ ମଧ୍ୟ ଗୁରୁତ୍ୱ ଦେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମେତ ବିଭିନ୍ନ ଅଧିକାରୀଙ୍କ ସହ ଗାଁ ରେ ଥାଇ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି । ଏହି ସମୟରେ ତାଙ୍କ ସହ ପୂର୍ବତନ ସରପଂଚ ତଥା ପାଲସିଝରନ ବିଜେଡ଼ି ପଂଚାୟତ ସଭାପତି ଦିପକ ରଞ୍ଜନ ବୁଦ୍ଧିଆ, ସମିତି ସଭ୍ୟ ବିଦ୍ୟା ହରିଜନ, ପୂର୍ବତନ ନାଏବ ସରପଂଚ ଦୁର୍ଗା ବାଗ, ୱାର୍ଡମେମ୍ବର ପାଣି ମାଝୀ, ଭାଗୀରଥି ମାଝି, ଅଗସ୍ତି ମାଝୀ, ଉଦ୍ଧାବ ଶବର, ଯୁବ ନେତା ନବୀନ ନାୟକ, ବୈଚନ୍ଦ୍ର ମାଝୀ ତଥା ସ୍ଥାନୀୟ ମହିଳା ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇଥିଲେ।

# ଟେନିସ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ : କର୍ଲାଗୁଡ଼ାକୁ ହରାଇ ମେଦିନୀପୁର ଚମ୍ପିୟାନ

ଭବାନୀପାଟଣା, (ପି.ଏନ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଖମାରୀ ମା ହରଗୌରୀ କ୍ରିକେଟ କ୍ଲବ ଆନୁକଲ୍ୟରେ ଚାଲିଥିବା ୨୫ତମ ଟେନିସ ବଲ୍ କ୍ରିକେଟ୍ ଟୁର୍ଣାମେଂଟ ଆଜି ଉଦଯାପିତ ହୋଇଯାଇଛି। ଖମାରୀ ଗ୍ରୀନ ପାର୍କ ପ୍ଲେ ଗ୍ରାଉଣ୍ଡ ପଡିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମେଦିନୀପୁର ଦଳ କର୍ଲାଗୁଡ଼ା ଦଳକୁ ପରାସ୍ତ କରିଥିଲେ।କର୍ଲାଗୁଡ଼ା ଦଳ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ଆଠ ଓଭରରେ ୯୦ ରନ୍ ସଂଗ୍ରହ କରିଥିଲେ। ଜବାବରେ ମେଦିନୀପୁର ସାତ ଓଭର ଦୁଇ ବଲରେ ଦୁଇ ୱିକେଟ୍ ହରାଇ ବିଜୟ ହୋଇଥିଲେ। ମେଦିନୀପୁର ଦଳ ପକ୍ଷରୁ ଜଗନ ୧୭ଟି ବଲରେ ୪୧ ରନ୍ ସଂଗ୍ରହ କରିଥିଲେ ଓ ଦୁଇ ଓଭରରେ ସାତ ୱିକେଟ୍ ନେଇଥିଲେ ଭୁଟେ। ଜଗନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷର ସୁନୀତା ଶବର ରନର୍ସ ଅପ ଦଳକୁ ୧୨ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ ଓ ବିଜେତା ଦଳକୁ ୨୧ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଗାଇଗା ସରପଂଚ ପ୍ରମୋଦ କୁମାର ସାହୁ ଓ ଗୋକୁଲେଶ୍ୱର ସରପଂଚ କେଶୁଲାଲ ତାଣ୍ଡି, ଅଥିତି ଭାବେ ଭୁବନେଶ୍ୱର ଶବର ଜିତେନ୍ଦ୍ର ପ୍ରଧାନ, ଭାନୁ ଦୁର୍ଗା, ମନୁ ଦୁର୍ଗା, ମାଧବାନନ୍ଦ ତାଣ୍ଡି, ଈଶ୍ୱର ଶବର, ଲମ୍ବୋଦରି ଶବର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ ପ୍ରଫୁଲ୍ଲ ମାଝୀ ଓ ମଣି ମଝୀ। ମ୍ୟାଚ ପରିଚାଳନା କରିଥିଲେ ଅମ୍ପିଆ ମିଥୁନ ମାଝୀ ଓ ଭୂଜରାଜ ମାଝୀ। ଆଙ୍କରିଂ କରିଥିଲେ ଯୋଶୋବନ୍ତ କୁମାର ଓ ରସିକ ସୁନା। ମ୍ୟାଚ ପରିଚାଳନାରେ ଲଳିଥ ମାଝୀ, ଶଙ୍କର ମାଝୀ, ଦେବେନ୍ଦ୍ର ମାଝୀ, ମନ୍ତ୍ୟ ମାଝୀ, ପରମେଶ୍ୱର ମା।


MAHARISHI PUBLIC SCHOOL



2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

Bhubaneswar Sunday June 11, 2023 ଭୁବନେଶ୍ୱର ରବିବାର, ଜୁନ ୧୧,୨୦୨୩ Daiöy Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଲକ୍ଷାଧିକ ଟଙ୍କା ଓ ସୁନାଗହଣା ଚୋରି



ବାସୁଦେବପୁର,(ପି.ଏନ): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଟୁଙ୍ଗ ଗ୍ରାମ ପଞ୍ଚାୟତ ରେ ଯିରାଇ ଗଡି ଗ୍ରାମ ରେ ଗତ କାଲି ରାତିରେ ଘରେ କେହି ନ ଥିବା ବେଳେ ଘରେ କଳା କନା ବୁଲାଇ ଛନ୍ତି ଦୂର୍ବୃତ। ସୂଚନା ଅନୁସାରେ ସ୍ୱର୍ଗତ ଦାଶରଥି ଅଗସ୍ତି ଙ୍କ ଘରେ ତାଙ୍କ ସ୍ତ୍ରୀ ମିନତି ପଣ୍ଡା ଓ ପିଲା ଘରେ ନ ଥିବାର ସୁଯୋଗ ନେଇ ଚୋର ମାନେ ଘରେ ପଶି ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଓ ଏକ ଲାପଟପ ନେଇ ଯାଇଥିବାର ଜଣା ଯାଇଛି। ଏ ନେଇ ବାସୁଦେବପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ପତି ତପାବନ ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର,୭୩ ୟୁନିଟ ରକ୍ତ ସଂଗୃହିତ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ସଦର ମହକୁମା ସ୍ଥିତ ଗ୍ରାମସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପତିତପାବନ ଯୁବକ ସଂଘ ପକ୍ଷରୁ ବାଲେଶ୍ୱର ଜିଲ୍ଲା ବାହାନଗା ଠାରେ ରେଳଗାଡି ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ।ଏଥିରୁ ମୋଟ ୭୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ଓଡ଼ିଶା ରକ୍ତ ଭଣ୍ଡାର ନୟାଗଡ଼ ଡାକ୍ତର ସତ୍ୟ ପ୍ରକାଶ ସାହୁ, କାଉନ ସେଲର ଅଜୟ କୁମାର ପଟ୍ଟନାୟକ,ଲାବ ଟେକନିସିଆନ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ,ରବୀନ୍ଦ୍ର ନାଥ ସାହୁ,ସରୋଜ କୁମାର ସାହୁ ଓ ସହାୟକ ପଞ୍ଚୁ ଦଳେଇ ପ୍ରମୁଖ ରକ୍ତ ସଂଗ୍ରହ କରିଥିବା ବେଳେ ସମାଜସେବୀ ଯୋଗେଶ୍ୱର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଏହି ରକ୍ତଦାନ ଶିବିରକୁ ସ୍ଥାନୀୟ ତହସିଲଦାର ପ୍ରଧାନ ଟୁଲି ଆମ୍ମା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଡାକ୍ତର ରାଜ କିଶୋର ପଣ୍ଡା,ମଧୁସୂଦନ ସୁବୁଦ୍ଧି,ଫାର୍ମାସିଷ୍ଟ ଗୌତମ ସାମନ୍ତ ରାୟ,ସାମ୍ବାଦିକ ବିବେକାନନ୍ଦ ମିଶ୍ର,ଶିକ୍ଷାବିତ ଭାଗିରଥି ପରିଡ଼ା,ଦୀନବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

# ରଣବୀର ସିଂଙ୍କୁ ନେଇ ସିଗ୍ରାମ ରୟାଲ ଷ୍ଟାଗ ପକ୍ଷରୁ ନୂଆ କ୍ୟାମ୍ପେନର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ସିଗ୍ରାମସ୍ ରୟାଲ ଷ୍ଟାଗ ଚଳିତବର୍ଷ ଏକ ପ୍ରମୁଖ ମାଇଲଖୁଂଟ ହାସଲ କରିଛି ଏବଂ ବ୍ରାଣ୍ଡ ଏକ ରୂପାନ୍ତରଣମୂଳକ ଯାତ୍ରାରେ ଆଗକୁ ବଢୁଛି ଯେଉଁଥିରେ ଲିଭ ଇଟ ଲାର୍ଜ କ୍ୟାମ୍ପେନର ଆରମ୍ଭ କରାଯାଇଛି । ଏହି ପ୍ରଭାବଶାଳୀ ନୂଆ କ୍ୟାମ୍ପେନରେ ବଲିଉଡର ପାୱାରହାଉସ ସୁପରଷ୍ଟାର ରଣବୀର ସିଂ ରହିଛନ୍ତି । ଏହା ମାଧ୍ୟମରେ ରଣବୀର ଅତ୍ୟନ୍ତ ଆକର୍ଷଣୀୟ ଭାବରେ ରୟାଲ ଷ୍ଟାଗର ନୂତନ ଦର୍ଶନ 'ଇଟସ ଆୱାର ଲାଇଫ, ୱି ଲିଭ ଇଟ ଲାର୍ଜ'କୁ ପ୍ରଦର୍ଶିତ କରିଛନ୍ତି । ଏହି ଫିଲ୍ମରେ ଗ୍ଲୋବାଲ କ୍ରିକେଟିଂ ଷ୍ଟାର, ସୂର୍ଯ୍ୟ କୁମାର ଯାଦବ ଓ ଏବି ଡି ଭିଲିୟର୍ସ ମଧ୍ୟ ରହିଛନ୍ତି । ଏହି ନୂତନ କ୍ୟାମ୍ପେନ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅତ୍ୟନ୍ତ ସୁନ୍ଦର ଭାବରେ ସମନ୍ୱିତ କରିଛି ଯଥା ଦି ଜେନେରେସନ ଲାର୍ଜ ଦର୍ଶନ, ଲିଭ ଇଟ ଲାର୍ଜ ଜେଷ୍ଟର, ଜେନେରେସନ ଲାର୍ଜ ଡି ପାକ୍ଟୋ ରିଚୁଆଲ ଓ ଗୋଲଡେନ ଷ୍ଟାଗ ବ୍ରାଣ୍ଡ ଆଇକୋନୋଗ୍ରାଫି । ଏହି କ୍ୟାମ୍ପେନକୁ ସମଗ୍ର ପ୍ରମୁଖ ପ୍ଲାଟଫର୍ମରେ ପ୍ରଭାବଶାଳୀ ଢଙ୍ଗରେ ପ୍ରଦର୍ଶିତ କରାଯିବ ଯେଉଁଥିରେ ରହିଛି ଟିଭି, ଡିଜିଟାଲ, ପ୍ରିଂଟ ଓ ଓଏଚ । ଏହି ନୂତନ ବ୍ରାଣ୍ଡ କ୍ୟାମ୍ପେନର ଶୁଭାରମ୍ଭ ସମ୍ପର୍କରେ ସୂଚନା ପ୍ରଦାନ କରି ପର୍ଣ୍ଣଡ ରିକାର୍ଡ ଇଣ୍ଡିଆ ସିଏମଓ ଶ୍ରୀ କାର୍ତିକ ମହିନ୍ଦ୍ରା କହିଛନ୍ତି ଯେ, 'ଆମର ସଦ୍ୟତମ କ୍ୟାମ୍ପେନରେ ରହିଛି ଆଜିର ପୀଢ଼ିର ଉତ୍ସାହ । ଏହି ନୂତନ ଅଭିଯାନରେ ରହିଛି ଏକ ସ୍ୱତନ୍ତ୍ର ଓ ଯୁବସୁଲଭ ଭିଜୁଆଲ ପରିଚୟ ଯାହାକି ଫ୍ରେସ, ଏନର୍ଜେଟିକ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ନୂତନ ପୀଢ଼ିର ଚିନ୍ତାଧାରାକୁ ଗ୍ରହଣ କରିଛି, ଯାହାକି ହେଉଛି ଦି ଜେନେରେସନ ଲାର୍ଜ ।' ସେହିଭଳି ବ୍ରାଣ୍ଡ ଆମ୍ବାସାଡର ସୁପରଷ୍ଟାର ରଣବୀର ସିଂ କହିଛନ୍ତି ଯେ, 'ମୁଁ ନିଜର ହୃଦୟରୁ ରୟାଲ ଷ୍ଟାଗର ନୂତନ 'ଲିଭ ଇଟ ଲାର୍ଜ' ଦର୍ଶନ ସହିତ ଅନୁପ୍ରାଣିତ । ଏହି କ୍ୟାମ୍ପେନ ଫିଲ୍ମଟି ଯୁବସୁଲଭ ଓ ଶକ୍ତିସମ୍ପର୍ଣ୍ଣ ଯାହାକି ମୋର ଜୀବନର ଏକ ବାସ୍ତବିକ ପ୍ରତିଫଳନ ଅଟେ ।

# ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ଅବସରରେ ପ୍ରଗତି ଟ୍ରଷ୍ଟ, ଭୁବନେଶ୍ୱର ତରଫରୁ ସମାଜ କଲ୍ୟାଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ପି.ଏନ): ଚଳିତବର୍ଷ ବିଶ୍ୱ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ଅବସରରେ ପ୍ରଗତି ଟ୍ରଷ୍ଟ, ଭୁବନେଶ୍ୱର ତରଫରୁ ସମାଜ କଲ୍ୟାଣ କାର୍ଯ୍ୟକ୍ରମର ଅଂଶ ବିଶେଷ ଭାବେ ଜୁନ୍ ୨୦ ତାରିଖ ଶ୍ରୀଗୁଣ୍ଡିଚା ଠାରୁ ୨୮ ତାରିଖ ବାହୁଡା ଯାତ୍ରା ପର୍ଯ୍ୟନ୍ତ ପୁରୀ ବଡଦାଣ୍ଡ ସ୍ଥିତ ବଗଲା ଧର୍ମଶାଳା ନିକଟରେ ଦେୟମୁକ୍ତ ଅନ୍ନ ପ୍ରସାଦ ସେବା କାର୍ଯ୍ୟକ୍ରମର ଆୟୋଜନ କରାଯାଉଅଛି । ଏହି ଭବ୍ୟ ଏବଂ ପବିତ୍ର ଅନ୍ନ ସେବା କାର୍ଯ୍ୟରେ ଇଚ୍ଛୁକ ବ୍ୟକ୍ତିବିଶେଷ ସଦୟ ଉପସ୍ଥିତ ପୂର୍ବକ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇପାରିବେ ଏବଂ ଏହି ମହାନ କାର୍ଯ୍ୟରେ ଜଣେ ଜଣେ କର୍ମୀ ହୋଇ ନିଜର ମହତ କର୍ମ କରିବାର ଆଶା ପୂରଣ କରିପାରିବେ । ଆମେ ସମସ୍ତେ ମିଶି ଆମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାକୁ ଆନନ୍ଦ ଉଲ୍ଲାସରେ ପାଳନ କରିବାକୁ ମ୍ୟାନେଜିଂ ଟ୍ରଷ୍ଟି ଗଦାଧର ବରାଳ, ସଦସ୍ୟ ପ୍ରଶାନ୍ତ ବିଦ୍ୟାଧର,ଶ୍ରୀକାନ୍ତ ପଣ୍ଡା, ସଦସ୍ୟ ଅଭିଜିତ ମିଶ୍ର, ସରୋଜ ସାହୁ,ବଟକୃଷ୍ଣ ବାରିକ, ବରିଷ୍ଠ ସଦସ୍ୟା ଜ୍ୟୋତ୍ସ୍ନା ପାଢ଼ୀ, ସ୍ମିତାରାଣୀ ମହାନ୍ତି,ପ୍ରମୋଦ ବିଶ୍ୱାଳ, ସଦସ୍ୟ ତଥା ଉପ ସଭାପତି ସତ୍ୟ ସୁନ୍ଦର ପଣ୍ଡା, କୋଷାଧ୍ୟକ୍ଷ ମୋତିଲାଲ ଦାସ, ପ୍ରତିଷ୍ଠାତା ଉମାଶଙ୍କର ପଟ୍ଟନାୟକ ସୂଚନା ଦେଇଛନ୍ତି । ଆମର ଯୋଗାଯୋଗ ନମ୍ବର ୯୩୩୭୪୪୩୩୬୩, ୯୪୩୭୪୪୫୧୯୫,୯୩୩୮୨୦୫୧୩୭, ୭୫୯୫୯୪୭୦୯୦, ୯୪୩୮୮୫୫୫୨୩ ଏବଂ ସହଯୋଗ ଲାଗି ପ୍ରଗତି UâÁ, A/c No.: ୭୪୨୮୪୫୩୦୨୫, IFSC Code: IDBI000O506 ।

# ପୌର ପାଳିକାର ନୋଟିସ ପରେ ରାସ୍ତା ମଝିରୁ ହଟିଲା ବିଦ୍ୟୁତ ଖୁଂଟ

ଜୟପୁର, (ପି.ଏନ): ଦୀର୍ଘ ବର୍ଷ ପରେ ରାସ୍ତା ମଝିରେ ଥିବା ଦୁଇଟି ବିଦ୍ୟୁତ ଖୁଂଟକୁ ହଟାଯାଇଛି । ଜୟପୁର ପୌରାଂଚଳ ଆଦର୍ଶନଗରରେ ରାସ୍ତା ମଝିରେ ବିଦ୍ୟୁତ ରହିଥିଲା । ବିଦ୍ୟୁତଖୁଂଟ ଯୋଗୁଁ ଦୁର୍ଘଟଣା ଘଟିବା ସହ ସ୍ଥାନୀୟ ବାସିନ୍ଦା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ । ବାରମ୍ବାର ସ୍ଥାନୀୟ ବାସିନ୍ଦା ଙ୍କ ଅଭିଯୋଗ ପାଇବା ପରେ ଜୟପୁର ପୌର ପାଳିକା ତରଫରୁ ଟାଟା ପାଓର ନିର୍ବାହୀଯନ୍ତ୍ରୀଙ୍କୁ ନୋଟିସ କରାଯାଇଥିଲା । ନୋଟିସ ଆଧାରରେ ଟାଟା ପାଓର ତରଫରୁ ପୌର ପାଳିକାର ସହାୟତାରେ ୨ଟି ବିଦ୍ୟୁତ ଖୁଂଟକୁ ରାସ୍ତା ମଝିରୁ ବାହାର କରାଯାଇ ଥିବା ପୌର କାର୍ଯ୍ୟନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସୁଚନା ଦେଇଛନ୍ତି । ବିଦ୍ୟୁତ ଖୁଂଟ ବାହାର କରିବା ସମୟରେ କାଉନସିଲର ଏନ ଲକ୍ଷ୍ମୀ ନାରାୟଣନ ଓ ପୌର କର୍ମଚାରି ରି ଜଗଦୀଶ ଉପସ୍ଥିତ ଥିଲେ ।

# ପ୍ରତି ଘରେ ନ୍ତଫାର୍ମ ଟୁ ପ୍ଲେଟନ୍ତ ଆନ୍ଦୋଳନକୁ ଅଧିକ ପ୍ରଖର କରିବା ପାଇଁ ମନୋରନ ଓ ସୂଚନାର ନିଆରା ମିଶ୍ରଣ

ଭୁବନେଶ୍ୱର / ବାରିପଦା,(ପି.ଏନ): ଓଡ଼ିଶା ମିଲେଟ୍ସ ମିଶନ ଓଡ଼ିଶାର ବଛା ବଛା ୨୦ଟି ସହରରେ ମିଲେଟ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମନୋରନଧର୍ମି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଜୁନ ୧୦ ଓ ୧୧ ତାରିଖରେ ବାରିପଦାର ବାଲେଶ୍ୱର ଗୋଲାଇରେ ଅବସ୍ଥିତ ଇଣ୍ଡିଆ ମଲ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ କୃଷି ବିଭାଗ ଏବଂ ମଲ୍‌ରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଯୋଗଦେବେ। ଓଡ଼ିଶା ମିଲେଟ୍ସ ମିଶନ ଓଡ଼ିଶା ସରକାରଙ୍କ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ରାଜ୍ୟରେ ନ୍ତଫାର୍ମ ଟୁ ପ୍ଲେଟନ୍ତ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ରୋମାଂଚକର ଆଭିମୁଖ୍ୟ ଗ୍ରହଣ କରୁଛି।ସ୍ଥାନୀୟ ସେଫ୍‌ମାନଙ୍କ ସହଯୋଗରେ ଗୃହିଣୀମାନଙ୍କୁ ନୂଆ ନୂଆ ରେସିପି ଶିଖାଇବା ପାଇଁ ଏଭଳି ମନମତାଣିଆ କାର୍ଯ୍ୟକ୍ରମର ଆୟୋଜନ କରି ଓଡ଼ିଶା ମିଲେଟ୍ସ ମିଶନର ଏହି ପଦକ୍ଷେପ ନିଶ୍ଚିତ ଭାବରେ ପ୍ରଭାବ ବିସ୍ତାର କରିବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମନୋରନ ମାଧ୍ୟମରେ ଆସୁଥିବା ଦର୍ଶକ ମାନଙ୍କ ମନରେ ମିଲେଟକୁ ନିଜର ଦୈନନ୍ଦିନ ଖାଦ୍ୟର ଅଂଶବିଶେଷ ଭାବରେ ଗ୍ରହଣ କରିବାପାଇଁ ପ୍ରେରଣା ଦେବା। କାର୍ଯ୍ୟକ୍ରମର ଆରମ୍ଭରେ ଏଙ୍କର ପର୍ସନ ଉପସ୍ଥିତ ଦର୍ଶକଙ୍କୁ ଓଡ଼ିଶା ମିଲେଟ୍ସ ମିଶନର ପରିଚିତି କରାଇବା ସହ କାର୍ଯ୍ୟକ୍ରମ ବିଷୟରେ ଧାରଣା ଦେବେ ଏବଂ ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଏହାପରେ ହାସ୍ୟ ନାଟିକା ମାଧ୍ୟମରେ ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣର ଅଭ୍ୟାସ ବିଷୟରେ ଅବଗତ କରାଯିବ ଏବଂ ଉପସ୍ଥିତ ଦର୍ଶକ ମାନଙ୍କ ଉପରେ ଏକ ପ୍ରଭାବ ବିସ୍ତାର ପାଇଁ ମିଲେଟର ପୌଷ୍ଟିକ ଗୁଣ ସମ୍ପନ୍ନ ଏକ ଶିକ୍ଷଣୀୟ ଫିଲ୍ମ ପ୍ରଦର୍ଶିତ ହେବ। କାର୍ଯ୍ୟକ୍ରମକୁ ଉତ୍ତେଜନା ପ୍ରବଣ କରିବାପାଇଁ ଓଡ଼ିଶା ମିଲେଟ୍ସ ମିଶନ ଏକ କୌତୁହଳପୂର୍ଣ୍ଣ ପ୍ରତିଯୋଗିତା ଯୋଜନା କରିଛି। ଅଂଶଗ୍ରହଣକାରୀମାନେ ଏବଂ ଦର୍ଶକ ମାନେ ହେବେ ପ୍ରଚଣ୍ଡ ଉତ୍ସାହିତ। ପ୍ରତିଯୋଗିତାର ବିଜେତାମାନଙ୍କ ପାଇଁ ରୋମାଂଚକର ପୁରସ୍କାର ଏବଂ ଉପହାର ଜିତିବାର ସୁଯୋଗ ସହ ସୃଷ୍ଟି କରିବ ଏକ ଆନନ୍ଦଦାୟକ ଓ ଉତ୍ସାହପ୍ରଦ ବାତାବରଣ। ବାରିପଦାବାସୀଙ୍କୁ ଏହି ଉତ୍ସବରେ ଆମନ୍ତ୍ରଣ କରି ଓଡ଼ିଶା ମିଲେଟ୍ସ ମିଶନ ସେମାନଙ୍କୁ ମିଲେଟ୍ସର ଉପକାରିତା ବିଷୟରେ ସଚେତନ କରିବା ସହ ସ୍ଥାନୀୟ ମିଲେଟ୍ସ ଚାଷୀ ଓ ଉଦ୍ୟୋଗୀମାନଙ୍କୁ ସହଯୋଗ କରିବା ପାଇଁ ପ୍ରେରିତ କରିବ। ଆଂଚଳିକ ସ୍ତରରେ ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ଦର୍ଶକ ମାନଙ୍କ ମଧ୍ୟରେ ମିଲେଟ୍ସର ଗ୍ରହଣୀୟତା ବୃଦ୍ଧି ପାଇବା ସହ ରାଜ୍ୟର ସ୍ୱାସ୍ଥ୍ୟ ଓ ଅର୍ଥନୀତି ସୂଚକାଙ୍କ ଉପରେ ଅଧିକ ପ୍ରଭାବ ପକେଇବ।

# କିଷାନ କଂଗ୍ରେସ ପକ୍ଷରୁ ପ୍ରତି ଜିଲ୍ଲାରେ ବସିବ ଟ୍ୟାକ୍ସଫୋର୍ସ କମିଟି

ଭୁବନେଶ୍ୱର, (ପି.ଏନ): ଦୀର୍ଘ ଅଢ଼େଇ ଦଶନ୍ଧିରୁ ଊର୍ଦ୍ଧ୍ୱହେଲା ଓଡ଼ିଶା ରାଜ୍ୟରେ କୃଷି ଓ କୃଷକଙ୍କ ମୁଖ୍ୟ ସମସ୍ୟାଗୁଡ଼ିକର ସମାଧାନ ହେବା ପରିବର୍ତ୍ତେ ଏହା ଅତି ଜଟିଳ ଆଡ଼କୁ ଗତି କରୁଛି। ଏବେ ଗ୍ରାମାଞ୍ଚଳର କୃଷି ଭିତ୍ତିଭୂମି ସଂପୂର୍ଣ୍ଣ ଅସଜଡ଼ା। ଚାଷୀ ତା'ର କଷ୍ଟଲବ୍ଧ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଉନାହିଁ। ସଂଗ୍ରହ ଓ ସଂରକ୍ଷଣ ପାଇଁ ଆବଶ୍ୟକ ସଂଖ୍ୟକ ଗୋଦାମ ଘର କିମ୍ବା ଶୀତଳଭଣ୍ଡାରଟିଏ ନାହିଁ। ଖାଦ୍ୟ ନିରାପତ୍ତା ଦୃଷ୍ଟିରୁ ଲୋକସଂଖ୍ୟା ଅନୁଯାୟୀ ଚାଷଉପଯୋଗୀ ଜମି ସଙ୍କୁଚିତ, ଅନିୟମିତ ଜଳବାୟୁ ଦ୍ୱାରା କୃଷି କ୍ଷେତ୍ର ଅନେକ ସମୟରେ ପ୍ରଭାବିତ, ମୁଖ୍ୟତଃ ଚାଷପାଇଁ ଜଳସେଚନ କ୍ଷେତ୍ରରେ ସେପରି ସୁବ୍ୟବସ୍ଥା କରାଯାଇନାହିଁ। ଅନେକ ଚାଷୀ ପରିବାର ଚାଷ ପ୍ରତି ବିମୁଖ। ବିଶେଷ କରି ଯୁବଗୋଷ୍ଠୀ ଚାଷରୁ ମୁହଁ ଫେରାଉଛନ୍ତି। ବାହାର ରାଜ୍ୟକୁ ଦାଦନ ଶ୍ରମିକ ରୋକିବା ଏବଂ ଆଞ୍ଚଳିକ ଭିତ୍ତିରେ ପାରିପାର୍ଶ୍ୱିକ ପରିବେଶ, କୃଷି ସମ୍ବଳ, ସ୍ଥିତି, ଶ୍ରମଶକ୍ତିକୁ ବିଚାରକୁ ନେଇ ତର୍ଜମା କରାଯାଉ ନାହିଁ। ସରକାର ଯେତେଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରିଛନ୍ତି ଏଥିରେ ଚାଷୀର କାହିଁକି ଆୟବୃଦ୍ଧି ଘଟୁନାହିଁ ? ଯୋଜନାଗୁଡ଼ିକର ବାସ୍ତବ କ୍ଷେତ୍ରରେ ସଫଳ ରୂପାୟନ ପାଇଁ ପ୍ରତିବଦ୍ଧତା, ସମୀକ୍ଷା ଓ ତଦାରଖ କରାଯାଉଛି କି ? ମୋଟାମୋଟି ଭାବରେ ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱହେଲା ଚାଷୀ ଚାଷରୁ ଲାଭ ନ ଉଠାଇ ପାରିବାର କାରଣ କ'ଣ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଏହା ସାଧାରଣରେ ଏକ ପ୍ରଶ୍ନବାଚୀ ବୋଲି କହିଛନ୍ତି ଧାନ ଚାଷକୁ ଛାଡ଼ିଦେଲେ ରାଜ୍ୟରେ ଅନ୍ୟାନ୍ୟ ଚାଷ କ୍ଷେତ୍ରରେ ଓଡ଼ିଶା ଅନ୍ୟରାଜ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ବର୍ତ୍ତମାନ କୃଷି କ୍ଷେତ୍ରରେ ଦୀର୍ଘସ୍ଥାୟୀ ବ୍ୟବସ୍ଥା, ଅଧିକ ଆମ୍ ନିଯୁକ୍ତି ସୃଷ୍ଟି କରାଯିବା ସହିତ ଚାଷୀଙ୍କ ପାଇଁ ଏକ ସଶକ୍ତ କୃଷିନୀତି ପ୍ରଣୟନ କରାଯିବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ସବୁରି ସ୍ତରରେ ସମଷ୍ଟିଗତ ପ୍ରଚେଷ୍ଟାର ଆବଶ୍ୟକତା ରହିଛି। ତେଣୁ ଏହାର କାରଣ ଓ ନିରାକରଣ ଖୋଜିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ପ୍ରତି ଜିଲ୍ଲାସ୍ତରରେ ଅଭିଜ୍ଞ କୃଷିବିତ୍, କାର୍ଯ୍ୟରତ ସ୍ୱେଚ୍ଛାସେବୀ କୃଷକ ସଂଗଠନ, କୃଷି ବିଶେଷଜ୍ଞ, ବୁଦ୍ଧିଜିବୀ ଓ କୃଷି ତଥା ଆନୁସଙ୍ଗିକ କୃଷି କ୍ଷେତ୍ରରେ କାର୍ଯ୍ୟ କରିଥିବା ଅନୁଭୁତି ସମ୍ପନ୍ନ ଆଗ୍ରହୀ ସରକାରୀ କର୍ମଚାରୀଙ୍କୁ ନେଇ ଏକ ଟ୍ୟାକ୍ସଫୋର୍ସ କମିଟି ଆସନ୍ତା ଜୁନ୍ ୨୧ ତାରିଖଠାରୁ ବସିବ। ଯେଉଁ କମିଟିର ସର୍ବଶେଷ ମତାମତକୁ ନେଇ ପୂର୍ଣ୍ଣ ସହଭାଗୀତାକ୍ରମେ ପ୍ରଦେଶ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ କୃଷି ଓ କୃଷକର ବିକାଶ ପାଇଁ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ପିଓର୍ ଇଭି ସହିତ ଟାଟା ପାୱାର ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ସହଭାଗିତା

ଭୁବନେଶ୍ୱର,(ପି.ଏନ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କର ଏକ ମିଳିତ ଉଦ୍ୟମ ଟାଟା ପାୱାର ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିସିଓଡିଏଲ) ପକ୍ଷରୁ ସେମାନଙ୍କର 'ଅଗ୍ରଗାମୀ ସବୁଜ ପଦକ୍ଷେପ ଅଭିଯାନ' କାର୍ଯ୍ୟକ୍ରମର ଘୋଷଣା ଦ୍ୱାରା ବିଶ୍ୱ ପରିବେଶ ଦିବସର ପାଳନ କରାଯାଇଛି। ଏକ ସବୁଜମୟ ଭବିଷ୍ୟତ ଗ୍ରହଣ କରିବା ଏବଂ ସ୍ଥାୟୀତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ନିଶ୍ଚିତ କରିବା ପ୍ରୟାସରେ ଟିପିସିଓଡିଏଲ ନିଜ ଇତିହାସରେ ପ୍ରଥମ ଥର ପାଇଁ ପ୍ରକଳ୍ପ କାର୍ଯ୍ୟକାରୀତା ପାଇଁ ବୈଦ୍ୟୁତିକ ଯାନ(ଇଭି)ର ବ୍ୟବହାର କରିବା ଯୋଜନାର ଶୁଭାରମ୍ଭ କରିଛି । ଟିପିସିଓଡିଏଲ ସିଇଓଙ୍କ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ସମାରୋହରେ ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି । ସ୍ଥାୟୀତ୍ୱ ପ୍ରତି ଏହି ଉଲ୍ଲେଖନୀୟ ପଦକ୍ଷେପରେ ଟିପିସିଓଡିଏଲ ଏକ ଅଗ୍ରଣୀ ଇଭି ନିର୍ମାତା ପିଓର୍ ଇଭି ସହିତ ସହଭାଗିତା କରିଛି। ଏହି ଅଭିଯାନକୁ ସଶକ୍ତ କରିବା ପାଇଁ ପିଓର୍ ଇଭି ଏହାର ୧୫ଟି ଶୀର୍ଷ ଶ୍ରେଣୀର ପ୍ରିମିୟମ କମ୍ୟୁଟ ଇଲେକ୍ଟ୍ରିକ ମୋଟରସାଇକେଲ, ଇକୋଡ୍ରିଫ୍ଟ ଯୋଗାଇ ଦେଇଛି । ଏହି ଇକୋଡ୍ରିଫ୍ଟ ମୋଟରସାଇକେଲଗୁଡ଼ିକ ଏକ ପ୍ରମାଣିତ ୩ କିଲୋ ୱାଟ ଆୱାର ବ୍ୟାଟେରୀ ପ୍ୟାକ(ଏ.ଆଇ.ଏସ ୧୫୬ ପମାଣିତ)ରେ ସଜ୍ଜିତ ରହିଛନ୍ତି ଯାହା ଥରେ ଚାର୍ଜରେ ୧୩୦ କିମି ର ଏକ ଆକର୍ଷଣୀୟ ରେ ପ୍ରଦାନ କରୁଛି ଏବଂ ଘଂଟା ପ୍ରତି ୭୫ କି.ମି.ର ଟପ ସ୍ପିଡ ପ୍ରଦାନ କରୁଛି। ଇଟ୍ରିଷ୍ଟ ୩୫୦ର ଏହି ସଫଳତାକୁ ଆଲୋକପାତ କରି ଶ୍ରୀ ରୋହିତ ଭଦେରା, ସହ ପ୍ରତିଷ୍ଠାତା ଏବଂ ଚିଫ ଏକ୍ସିକ୍ୟୁଟିଭ ଅଫିସର, ପିଓର୍ ଇଭି କହିଛନ୍ତି ଯେ, 'ଅଗ୍ରଗାମୀ ସବୁଜ ପଦକ୍ଷେପ ଅଭିଯାନ' ପଦକ୍ଷେପ ପାଇଁ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିସିଓଡିଏଲ) ସହ ସହଭାଗିତା କରି ଆମେ ଅତ୍ୟନ୍ତ ଉତ୍ସାହିତ । ଆମେ ବିଜନେସ-ଟୁ-ବିଜନେସ(ବିଟୁବି) କ୍ଷେତ୍ରକୁ ସଂପ୍ରସାରିତ କରୁଥିବାରୁ ଏବଂ ଟିପିସିଓଡିଏଲର ସ୍ଥାୟୀ ପ୍ରୟାସ ପ୍ରତି ଯୋଗଦାନ କରୁଥିବାରୁ ପିଓର୍ ଇଭି ପାଇଁ ଏହା ଏକ ଉଲ୍ଲେଖନୀୟ ସଫଳତାକୁ ଚିହ୍ନିତ କରୁଛି ।'ଏପର୍ଯ୍ୟନ୍ତ ଆମେ ବିଜନେସ-ଟୁ-କ୍ୟୁମର(ବିଟୁସି) ସେଗମେଂଟରେ ଧ୍ୟାନ ଦେଇଥିବାବେଳେ, ଏହି ପଦକ୍ଷେପ ଆମ ପାଇଁ ବିଟୁବି ବଜାରରେ ପ୍ରବେଶ କରିବାର ବାଟ ଖୋଲିଛି। ଉଲ୍ଲେଖଯୋଗ୍ୟ ଯେ ପିଓର୍ ଇଭିର କମ୍ୟୁଟ ଇଲେକ୍ଟ୍ରିକ ମୋଟରସାଇକେଲ, ଇକୋଡ୍ରିଫ୍ଟ ଆରମ୍ଭ ଦିନ ଠାରୁ ବ୍ୟକ୍ତି, ଅନୁଷ୍ଠାନ, ଡେଲିଭରୀ ସଂସ୍ଥା ଏବଂ ଏପରିକି ସରକାରୀ ସଂସ୍ଥାଗୁଡ଼ିକରୁ ମଧ୍ୟ ୧୦,୦୦୦ରୁ ଅଧିକ ବୁକିଙ୍ଗ ଗ୍ରହଣ କରିଛି ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray